## ସଂକ୍ଷେପରେ

### ୧୫ ଗ୍ୟାସ୍ ଟାଙ୍କି ନେଇଗଲେ ଦୁର୍ବୃତ୍ତ

ଯାଁଳା,୧୪।୫(ବୁଲା ବାରିକ)

ଇନ୍‌ଫୋସିଭ୍ୟାଲି ଥାନା ଅଧୀନ ଯାଁଳା ପଞ୍ଚାୟତ ଅଞ୍ଚଳରୁ ଦୁର୍ବୃତ୍ତମାନେ ୧୫ଟି ଗ୍ୟାସ ଟାଙ୍କି ନେଇଯାଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନାଁ ନେଇ ମାଗଣାରେ ଟାଙ୍କିରେ ଗ୍ୟାସ ଭର୍ତ୍ତି କରାଇଦେବୁ କହି ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଥିବା ବ୍ୟକ୍ତିମାନେ ହେଲେ ଦକ୍ଷିଣ ମୁଣ୍ଡମୁହାଣର ପୀତବାସ ଭୋଇ, ଭାଗ୍ୟଧର ନାୟକ, ଓଗାଳପଡା ଅଞ୍ଚଳର ପ୍ରତାପ ନାୟକ, ପ୍ରଭାକର ନାୟକ, ଆରତ ନାୟକ, ଭରତ ନାୟକ ଓ ରଘୁନାଥ ନାୟକ। ସେହିଭଳି ଅନ୍ୟ ଦୁଇସାହିର ୫ ଜଣଙ୍କ ଟାଙ୍କି ନେଇଯାଇଛନ୍ତି। ଅଭିଯୋଗ ମୁତାବକ, ସୋମବାର ଅପରାହ୍ନରେ ଦୁଇ ଜଣ ଦୁର୍ବୃତ୍ତ ଏକ ଲୁନାରେ ଆସିଥିଲେ। ସେମାନେ ଯାଁଳା ପଞ୍ଚାୟତର ଦକ୍ଷିଣ ମୁଣ୍ଡମୁହାଣ, ଓଗାଳପଡ଼ା, ଗୋପାଳପୁର ଓ ରାଧାଚରଣପୁର ଅଞ୍ଚଳରେ ପହଞ୍ଚିଥିଲେ। ପ୍ରତି ସାହିରୁ ୩/୪ ଘରର ଲୋକଙ୍କୁ ଡାକି ଏକ ନିର୍ଦ୍ଦିଷ୍ଟ ଦଳରୁ ଆସିଛୁ ବୋଲି କହିଥିଲେ। ଘରେ ଖାଲି ଥିବା ଗ୍ୟାସ ଟାଙ୍କି ଦେଲେ ତୁମମାନଙ୍କୁ ଏକ ଗ୍ୟାସ ଭର୍ତ୍ତି ଟାଙ୍କି, ଚାଉଳ ୧୦କେଜି ଓ ଡାଲି ୩କେଜି ଦିଆଯିବ ବୋଲି କହିଥିଲେ। ଗ୍ୟାସ ବହିର ଫଟୋ ଉଠାଇବା ସହ ଗାଡି ଆସିବା ପରେ ଆପଣମାନଙ୍କୁ ଫୋନ କରି ଡାକି ଦିଆଯିବ ବୋଲି କହିଥିଲେ। ପରେ ଦୁର୍ବୃତ୍ତମାନଙ୍କୁ ଲୋକେ ଖାଲି ଟାଙ୍କି ଦେଇଥିଲେ। ରାତି ୮ଟା ପର୍ଯ୍ୟନ୍ତ ଗ୍ୟାସ ଟାଙ୍କି ଗାଡି ନ ଆସିବାରୁ ଉକ୍ତ ଦଳର କେତେଜଣ କର୍ମୀଙ୍କୁ ଲୋକମାନେ ପଚାରିଥିଲେ। ତୁମକୁ କିଏ ମିଛ କହି ଗ୍ୟାସ ଟାଙ୍କି ନେଇଯାଇଯାଛନ୍ତି ବୋଲି କର୍ମୀମାନେ କହିବା ପରେ ମଙ୍ଗଳବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ୩ ରଥର ୨୪ ତୁମ୍ବର ଗୋଲେଇ କାର୍ଯ୍ୟ ସରିଲା

ପୁରୀ,୧୪।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥ ଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଚାଲିଛି। ମଙ୍ଗଳବାର ରଥ ନିର୍ମାଣର ଚତୁର୍ଥ ଦିନରେ ୩ ରଥର ତୁମ୍ବ କାର୍ଯ୍ୟ ଜାରି ରହିଛି। ରଥ ନିର୍ମାଣରେ ନିୟୋଜିତ ସେବକ ଓ କାରିଗରମାନେ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ସମୟରେ ଆସି ରଥ ଖଳାରେ ପହଞ୍ଚି ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ମଙ୍ଗଳବାର ମଧ୍ୟାହ୍ନ ସୁଦ୍ଧା କରତୀ ସେବକମାନେ ତିନିରଥ ଚାଲିକୁ ସମସ୍ତ ୪୨ଗୋଟି ତୁମ୍ବଗଡ଼ କାଟି ଯୋଗାଇଛନ୍ତି। ତେବେ ୩ରଥ ପାଇଁ ଆବଶ୍ୟକ ହେଉଥିବା ୪୨ଗୋଟି ତୁମ୍ବ ମଧ୍ୟରୁ ଚତୁର୍ଥ ଦିନର କାର୍ଯ୍ୟ ଶେଷ ସୁଦ୍ଧା ୨୪ ଗୋଟି ତୁମ୍ବର ଗୋଲେଇ ସହ ମଠା କାର୍ଯ୍ୟ ଶେଷ କରିଛନ୍ତି । ସେଥିମଧ୍ୟରୁ ବଡ଼ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥର ୮, ମା' ସୁଭଦ୍ରାଙ୍କ ଦେବୀଦଳନ ରଥର ୮ ଏବଂ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ୮ ଏହିପରି ମୋଟ ୨୪ ଗୋଟି ତୁମ୍ବର ଗୋଲେଇ ସହ ମଠା କାର୍ଯ୍ୟ ଶେଷ ହୋଇଛି। ଅପରପକ୍ଷରେ ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ଅରକଣ୍ଟା ନିର୍ମାଣ ସହ ପନ୍ଦାରି ବଳା ନିର୍ମାଣ ଜାରି ରଖିଛନ୍ତି।

# ଖୁଣ୍ଟୁଣୀରେ ନିର୍ବାଚନୀ ହିଂସା

ଖୁଣ୍ଟୁଣୀ, ୧୪।୫(ସଚ୍ଚିଦାନନ୍ଦ ପଣ୍ଡା)

### ଥାନା ଆଗରେ ଭାଜପା-ବିଜେଡି କର୍ମୀ ହାତାହାତି



ରାଜ୍ୟରେ ୩ ପର୍ଯ୍ୟାୟ ନିର୍ବାଚନକୁ ଆଉ ମାତ୍ର ୧୧ ଦିନ ବାକି ଥିବାବେଳେ ଖୁଣ୍ଟୁଣୀରେ ନିର୍ବାଚନୀ ଗୋଷ୍ଠୀ ସଂଘର୍ଷ ଦେଖିବାକୁ ମିଳିଛି। ଭାଜପା ସମର୍ଥକଙ୍କୁ ଶାସକ ଦଳର କେତେଜଣ ଆକ୍ରମଣ କରିବା ଘଟଣାର ପ୍ରତିବାଦରେ ଖୁଣ୍ଟୁଣୀ ଥାନା ଆଗରେ ଭାଜପା ବିଧାୟକ ପ୍ରାର୍ଥୀ ଓ ଅନ୍ୟମାନେ ଧାରଣା ଦେଇଥିବାବେଳେ ଅପରଗୋଷ୍ଠୀ ସହ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ଉପସ୍ଥିତ ପୋଲିସ ଅଧିକାରୀଙ୍କ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ପ୍ରକାଶ ଯେ, ମଙ୍ଗଳବାର ପୂର୍ବାହ୍ନରେ ଖୁଣ୍ଟୁଣୀ ଥାନା ଅନନ୍ତପୁର ଗ୍ରାମରେ ଭାଜପାର ବିଧାୟକ ପ୍ରାର୍ଥୀ ଅଭୟ ବାରିକ ଏକ ଶୋଭାଯାତ୍ରାରେ ଯାଉଥିଲେ। ଏହି ସମୟରେ ଶାସକ ଦଳର କେତେଜଣ ସମର୍ଥକ ଗଣ୍ଡଗୋଳ କରିବା ସହ ଅଭୟଙ୍କ ରାଲିରେ ଯାଇଥିବା ଅନନ୍ତପୁର ଗ୍ରାମର କେତେକ ଲୋକଙ୍କ ଘରେ ପଶି ମାଡ଼ ମାରିଥିଲେ। ଏହାର ପ୍ରତିବାଦରେ ସନ୍ଧ୍ୟାରେ ଭାଜପା ପ୍ରାର୍ଥୀ ବାରିକ ଓ ଭାଜପା ଜିଲା ସଭାପତି ରାମନାରାୟଣ ମହାନ୍ତିଙ୍କ ସମେତ ଶତାଧିକ ସମର୍ଥକ ଖୁଣ୍ଟୁଣୀ ଥାନାରେ ପହଞ୍ଚି ଗଣ୍ଡଗୋଳକାରୀଙ୍କୁ ଗିରଫ ଏବଂ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆଙ୍କୁ ତୁରନ୍ତ ବଦଳି ଦାବିରେ ଥାନା ଆଗରେ ଧାରଣାରେ ବସିଥିଲେ। ଏପରି କି ଗତ କିଛିଦିନ ତଳେ ଭାଜପା ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବ ସର୍ପେଶ୍ୱରଙ୍କୁ ଦର୍ଶନ କରିବାକୁ ଆସିଥିବାବେଳେ ଶାସକଦଳର ଉପରୋକ୍ତ ସମର୍ଥକମାନେ ପୋଲିସ ଉପସ୍ଥିତିରେ ଗଣ୍ଡଗୋଳ କରିଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିବା ଅଭୟ ଅଭିଯୋଗ କରିଛନ୍ତି। ଥାନା ସମ୍ମୁଖରେ ଧାରଣା ଖବର ଶୁଣି କଟକ ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଗୁରୁଡ଼ି ଝାଟିଆ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ପ୍ରମୁଖ ଫୋର୍ସ ସହ ଥାନାରେ ପହଞ୍ଚିଥିଲେ। ରାତି ୯ଟାରେ ଅତିରିକ୍ତ ଏସ୍‌ପି ବରାଳ ଗଣ୍ଡଗୋଳକାରୀଙ୍କୁ ଦୁଇଦିନ ମଧ୍ୟରେ ଗିରଫ କରାଯିବା ସହିତ ଆଇଆଇସି ଖୁଣ୍ଟିଆଙ୍କ ବଦଳି ପାଇଁ ଉଚ୍ଚ ପୋଲିସ ଅଧିକାରୀଙ୍କ ସହିତ ଆଲୋଚନା ହୋଇଥିବା ଘୋଷଣା କରିଥିଲେ। ଏହାପରେ ଧାରଣାରତ ଭାଜପା ପ୍ରାର୍ଥୀ ବାରିକ ଓ ତାଙ୍କ ସମର୍ଥକମାନେ ଥାନା ବାହାରକୁ ବାହାରୁଥିବାବେଳେ ହଠାତ ଘଣ୍ଟିଖାଲ ପଟୁ ପ୍ରାୟ ଶତାଧିକ ଲୋକ ହାତରେ ଠେଙ୍ଗା ଧରି ଭାଜପା କର୍ମୀଙ୍କ ଉପରେ ଆକ୍ରମଣ ପାଇଁ ମାଡି ଆସୁଥିବା ଦେଖାଯାଇଥିଲା। ଏପରି କି ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ ଓ ଟେକାପଥର ମାଡ଼ ଆରମ୍ଭ ହୋଇଥିଲା। ଅତିରିକ୍ତ ଏସ୍‌ପି ବରାଳ ଓ ଏସ୍‌ଡିପିଓ ନାୟକ ଉଭୟ ଦଳର କର୍ମୀଙ୍କୁ ବୁଝାଇ ଏକ ବଡ ଧରଣର ଗଣ୍ଡଗୋଳକୁ ଏଡାଇ ଦେଇଥିଲେ। ଏଥିରେ ଦୁଇ ତିନିଜଣ ସାମାନ୍ୟ ଆହତ ଏବଂ ୪ଟି ବାଇକ ଭାଙ୍ଗିଥିବା ପୋଲିସ ନିକଟରେ ଅଭିଯୋଗ ହୋଇଛି। ଅପରପକ୍ଷେ ଅନନ୍ତପୁର ଓ ଘଣ୍ଟିଖାଲ ଅଞ୍ଚଳର କେତେଜଣ ଲୋକ ସେମାନଙ୍କ ୬/୭ ଜଣ ସମର୍ଥକଙ୍କୁ ଭାଜପା କର୍ମୀମାନେ ମାଡ଼ ମାରିଥିବା ଘଣ୍ଟିଖାଲ ଫାଣ୍ଡିରେ ପାଲଟା ଅଭିଯୋଗ କରି ଫାଣ୍ଡି ଆଗରେ ଧାରଣା ଦେବା ସହ ନାରାବାଜି ଦେଇଥିଲେ। ପୋଲିସ ତୁରନ୍ତ ପହଞ୍ଚି ସେମାନଙ୍କୁ ଉଠାଇ ଦେଇଥିଲା। ଭାଜପା ପକ୍ଷରୁ ଧାରଣାରେ ଅଭୟ ଓ ରାମନାରାୟଣଙ୍କ ସହିତ ଆଇନଜୀବୀ ଜଗଦାନନ୍ଦ ତ୍ରିପାଠୀ, ନୂତନ ରାଉତ, ଉମେଶ ସାମଲ, ତପନ ଲେଙ୍କା, ସନ୍ତୋଷ ବେହେରା, ପରେଶ ସାହୁ, ତପନ ପ୍ରଧାନ, ରୀନା ସାହୁ ଓ ରବିନ ମିଶ୍ର ଧାରଣାରେ ବସିଥିଲେ। ଅତିରକ୍ତ ଏସ୍‌ପି ବରାଳ କହିଛନ୍ତି ସମସ୍ତ ଘଟଣାର ତଦନ୍ତ କରାଯାଇ ଦୋଷୀ ଯିଏ ହେଉନା କାହିଁକି ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପ୍ରଚାର ବେଳେ ଭାଜପା କର୍ମୀଙ୍କୁ ଆକ୍ରମଣ



କ୍ୟାପିଟାଲ ଥାନା ସମ୍ମୁଖରେ ଭାଜପା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଏବଂ ସମର୍ଥକ।

ଭୁବନେଶ୍ୱର,୧୪।୫(ସୂର୍ଯ୍ୟକାନ୍ତ ବେହେରା)

**ରାଜଧାନୀରେ ରାଜନୈତିକ ହିଂସା**

■ **କ୍ୟାପିଟାଲ ଥାନାରେ ବିଜେଡି କର୍ମୀଙ୍କ ନାମରେ ଏତଲା**

ରାଜଧାନୀ ଭୁବନେଶ୍ୱରରେ ପୁଣି ଏକ ରାଜନୈତିକ ହିଂସା ଘଟିଛି। କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୬ ଆଖଣ୍ଡଳମଣି ବସ୍ତିରେ ମଙ୍ଗଳବାର ସନ୍ଧ୍ୟାରେ ଭାଜପାର ନିର୍ବାଚନୀ ପ୍ରଚାର ବେଳେ ଭାଜପା କର୍ମୀଙ୍କୁ ଗାଳିଗୁଲଜ ଓ ଧମକ ଦିଆଯିବା ସହ ଆକ୍ରମଣ କରାଯାଇଛି। ଏ ନେଇ କ୍ୟାପିଟାଲ ଥାନାରେ ବିଜେଡି କର୍ମୀଙ୍କ ବିରୋଧରେ ଏତଲା ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ସନ୍ଧ୍ୟାରେ ଆଖଣ୍ଡଳମଣି ବସ୍ତିରେ ଭାଜପାର ପ୍ରଚାର ଚାଲିଥିଲା। ଏହି ସମୟରେ ଭାଜପା କର୍ମୀଙ୍କୁ କେତେଜଣ ବିଜେଡି କର୍ମୀ ଗାଳିଗୁଲଜ କରିଥିଲେ। ଏପରିକି ମାୟାଧର ବେହେରା ନାମକ କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଓ ବନ୍ଧୁକ ଦେଖାଇ ଧମକାଇଥିବା ସହ ସୁନାଚେନ, ଟଙ୍କା ଆଦି ଛଡ଼ାଇ ନେଇଥିବା ନେଇ ତାଙ୍କ ସ୍ତ୍ରୀ ମମତା ମଲ୍ଲିକ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ଆକ୍ରମଣକାରୀମାନେ ଜାତିଆଣ ଆକ୍ଷେପ କରିବା ସହ ତାଙ୍କୁ ମଧ ଧକ୍କା ମାରିଥିବା ସେ ଏତଲାରେ ଦର୍ଶାଇଛନ୍ତି। ସ୍ୱାମୀ ମାୟାଧର ୩୦ରୁ ଅଧିକ ଭାଜପା କର୍ମୀଙ୍କୁ ନେଇ ନିର୍ବାଚନୀ ପ୍ରଚାର କରୁଥିଲେ। ଏହି ସମୟରେ ବିଜେଡିର ସ୍ଥାନୀୟ ନେତା ମଧୁସୂଦନ ରେଡ୍ଡୀ, ଆଲୋକ, ଅର୍ଜୁନ, ଲିପୁ, ବାଦଲ ୩୦ରୁ ଅଧିକ ଯୁବକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ ସେ ବିରୋଧ କରିବାରୁ ତାଙ୍କୁ ଧକ୍କା ମାରିବା ସହ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିବା ମମତା ଲିଖିତ ଅଭିଯୋଗ କରିଛନ୍ତି। ମମତାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ ବିଜେଡି ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

# ୱାର୍ଡ ନଂ. ୩୮ରେ ଅନନ୍ତଙ୍କ ସମ୍ପର୍କ ଅଭିଯାନ



୩୮ ନଂ. ୱାର୍ଡରେ ବିଜେଡି ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି।

ଭୁବନେଶ୍ୱର, ୧୪।୫(ବନ୍ଦନା ସେଠୀ)

ଭୁବନେଶ୍ୱର ମଧ୍ୟ ବିଜେଡି ପକ୍ଷରୁ ୱାର୍ଡ଼ ନଂ. ୩୮ରେ ନୟାପଲ୍ଲୀସ୍ଥିତ ସାଇମନ୍ଦିର ନିକଟରୁ କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନାଙ୍କ ସଂଯୋଜନାରେ 'ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ଯୋଗଦେଇ ଜନସାଧାରଣଙ୍କଠାରୁ ଆଶୀର୍ବାଦ ନେଇ ୱାର୍ଡ ପରିକ୍ରମା କରିଥିଲେ। ସମର୍ଥକଙ୍କ ଗହଣରେ ପ୍ରଚାର କରିବା ଅବସରରେ ତାଙ୍କୁ ୱାର୍ଡ଼ବାସୀ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଜେନା ଜନସାଧାରଣଙ୍କଠାରୁ ଆଶୀର୍ବାଦ ସ୍ୱରୂପ ଚଳିତ ନିର୍ବାଚନରେ ଉଭୟ ବିଧାୟକ ପ୍ରାର୍ଥୀ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ଭୋଟ୍ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ। ୱାର୍ଡ ନଂ. ୩୮ର ଜନସାଧାରଣଙ୍କ ବିଜେଡି ବିଧାୟକ ପ୍ରାର୍ଥୀ ଜେନାଙ୍କ ପ୍ରତି ଅପୂର୍ବ ଜନ ସମର୍ଥନ ଦେଖିବାକୁ ମିଳିଥିଲା। ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ସମସ୍ତ କର୍ପୋରେଟର, ପୂର୍ବତନ କର୍ପୋରେଟର, ବରିଷ୍ଠ ନେତା, ଯୁବଛାତ୍ର, ମହିଳା କାର୍ଯ୍ୟକର୍ତ୍ତା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

### ଜଳସେବା ଶିବିର

ପୁରୁଣା ଭୁବନେଶ୍ୱର,୧୪।୫ (ସୁବାସ ଚନ୍ଦ୍ର ପ୍ରଧାନ)

ଗ୍ରୀଷ୍ମ ଆରମ୍ଭରୁ ସହରର ବିଭିନ୍ନ ସ୍ଥାନରେ ଖୋଲିଥିବା ଜଳଛତ୍ର ପଏଣ୍ଟ ମଧ୍ୟରୁ ଅନେକ ବନ୍ଦ ହୋଇଯାଇଛି। ଏଭଳି ସମୟରେ କେଦାରଗୌରୀ ଆପାର୍ଟମେଣ୍ଟର ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟ ନିଜେ ରହୁଥିବା ଘର ଛାତ ଉପରେ ପଶୁପକ୍ଷୀଙ୍କ ପାଇଁ ପାଣିକୁଣ୍ଡ ରଖିବା ସହ ଗ୍ୟାରେଜ ଛକ ପଥପ୍ରାନ୍ତରେ ଜଳସେବା କାର୍ଯ୍ୟ ଜାରି ରଖିଛନ୍ତି। ଏହା ମେ' ମାସ ଶେଷ ସପ୍ତାହ ପର୍ଯ୍ୟନ୍ତ ଚାଲିବ ବୋଲି ମଞ୍ଚ ସଭାପତି ରାଧାମୋହନ ପଟ୍ଟନାୟକ କହିଛନ୍ତି। ଏହି ଜଳ ସେବାକେନ୍ଦ୍ରକୁ ପୂର୍ବତନ କର୍ପୋରେଟର ପୁଷ୍ପା ଦାସ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଦିଲ୍ଲୀପ ମହାନ୍ତି, ପ୍ରସନ୍ନ ନାୟକ, ଜ୍ୟୋତ୍ସ୍ନା ରାୟ, କିରଣ ଦାସ, ରୀତା ମହାନ୍ତି, ନମ୍ରତା ଦତ୍ତ, ବୀଣା ମିଶ୍ର, ବାସନ୍ତୀ ଚକ୍ର, ନମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।





କେଦାରଗୌରୀ ଆପାର୍ଟମେଣ୍ଟର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ଜଳସେବା କାର୍ଯ୍ୟକ୍ରମ।

### ଆଶ୍ରିତଙ୍କୁ ବୋମାମାଡ଼ ଧମକ

ବଳଙ୍ଗା,୧୪।୫(କେଦାରେଶ୍ୱର ନନ୍ଦ)

ଭାଜପାକୁ ଭୋଟ ଦେଲେ କିମ୍ବା ଦଳ ସାଙ୍ଗରେ ବୁଲିଲେ ବୋମା ପକାଇ ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କୁ ହତ୍ୟା କରାଯିବ ବୋଲି ଜଣେ ଜେଲ ଫେରନ୍ତା ବ୍ୟକ୍ତି ଧମକ ଦେଇଛନ୍ତି। ସୋମବାର ବିଳମ୍ବିତ ରାତିରେ ବଳଙ୍ଗା ଥାନା ଅଧୀନ ଚନ୍ଦ୍ରାଦେଇପୁର ଗ୍ରାମରେ ଜଣେ ଯୁବକଙ୍କୁ ଧମକ ଦେଇ ଦୋକାନ ଭିତରୁ ଟଙ୍କା ଲୁଟ୍ କରିଛନ୍ତି ସମ୍ପୃକ୍ତ ଜେଲ୍‌ଫେରନ୍ତା। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖିଛି।

### ପରିବାର ସମ୍ପର୍କ ଅଭିଯାନରେ ଭୋଟ ମାଗିଲେ ଅଶୋକ

ପୁରୁଣା ଭୁବନେଶ୍ୱର,୧୪।୫ (ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନ ମଣ୍ଡଳୀର ୨୧ନମ୍ବର ୱାର୍ଡରେ ବିଜୁ ଜନତା ଦଳ (ବିଜେଡି)ର ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା ଦଳୀୟ କର୍ମୀଙ୍କ ସହ ଭୀମେଶ୍ୱର ମନ୍ଦିରରୁ ଏହି ଅଭିଯାନରେ ବାହାରି ବିଡିଏ ପାର୍କ, ଖଣ୍ଡୁଆଳ ବସ୍ତି, ବେହେରା ସାହି, ବାଉଁଶ ଖଣି ବସ୍ତି, ପିପୁଲ୍‌ସ ବସ୍ତି, ଜଗନ୍ନାଥ ମନ୍ଦିର ଓ ନାରାୟଣୀ କ୍ଲବ ଆଦି ଅଞ୍ଚଳରେ ଘରକୁ ଘର ବୁଲି ବୁଲି ଭୋଟ ଭିକ୍ଷା କରିଥିଲେ। ଗୃହିଣୀରୁ ମହିଳାମାନେ ଏବେ ଉଦ୍ୟୋଗୀ ହୋଇପାରିଛନ୍ତି ବୋଲି ଅଶୋକ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମେୟର ସୁଲୋଚନା ଦାସ, କାର୍ପୋରେଟର ଶିବ ସୁନ୍ଦରାୟଙ୍କ ସମେତ ବହୁ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ।



୨୧ନମ୍ବର ୱାର୍ଡରେ ବିଜେଡିର ପରିବାର ସମ୍ପର୍କ ଅଭିଯାନରେ ବିଧାୟକ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା।

### ଜଳବନ୍ଦୀରୁ ମୁକ୍ତି ପାଇବ ପୁରୁଣା ଭୁବନେଶ୍ୱର: ବାବୁ ସିଂ



ଏକାମ୍ର ଭାଜପା ବିଧାୟକ ପ୍ରାର୍ଥୀ ବାବୁ ସିଂ ଓ ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ପଦଯାତ୍ରା କରୁଛନ୍ତି।

ପୁରୁଣା ଭୁବନେଶ୍ୱର,୧୪।୫ (ସୁବାସ ଚନ୍ଦ୍ର ପ୍ରଧାନ)

ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଏକାମ୍ର ଭାଜପା ବିଧାୟକ ପ୍ରାର୍ଥୀ ବାବୁ ସିଂ ଓ ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ପଦଯାତ୍ରା କରି ଲୋକଙ୍କୁ ଭେଟିବା ସହ ଭାଜପାକୁ ଭୋଟଦେଇ ଜିତାଇବାକୁ ନିବେଦନ କରିଥିଲେ। ଏହି ଅବସରରେ ବାବୁ ସିଂ କହିଥିଲେ, ପୁରୁଣା ଭୁବନେଶ୍ୱର ଅବହେଳିତ ଅବସ୍ଥାରେ ରହିଛି। ବର୍ଷା ଅସରାଏ ହେଲେ ଏଠାରେ କୃତ୍ରିମ ବନ୍ୟା ହେଉଛି। ଡ୍ରେନେଜ ନ ଥିବାରୁ ବର୍ଷାଦିନେ ଡେଙ୍ଗୁ ବ୍ୟାପିଥାଏ। ବହୁ ପୁରାତନ ପୋଖରୀ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହୋଇଗଲାଣି। ନିମ୍ନମାନର ରାସ୍ତା କାମ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭାଜପା କ୍ଷମତାକୁ ଆସିଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳ ଜଳବନ୍ଦୀରୁ ମୁକ୍ତି ପାଇବ। ଏକାମ୍ରର ଅସ୍ମିତାର ସୁରକ୍ଷା ତଥା ସ୍ୱାଭିମାନ ପାଇଁ ଭାଜପା ହାତରେ କ୍ଷମତା ଦେବାକୁ ଏକାମ୍ର ନିର୍ବାଚନ ମଣ୍ଡଳୀର ଲୋକେ ମନସ୍ଥ କରିସାରିଛନ୍ତି। ସର୍ବାଙ୍ଗୀନ ଉନ୍ନତି ତାଙ୍କର ଲକ୍ଷ୍ୟ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ଭାଜପା ନେତା ରଶ୍ମି ମହାପାତ୍ର, ସ୍ୱାଗତ ମହାପାତ୍ରଙ୍କ ସମେତ ସମସ୍ତ ଦଳୀୟ ନେତୃବୃନ୍ଦ ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।

## ମଧ୍ୟ ନିର୍ବାଚନ ମଣ୍ଡଳୀ

# ପରିବର୍ତ୍ତନ ସପକ୍ଷରେ ମତଦାତା

ଭୁବନେଶ୍ୱର, ୧୪।୫(ଅସମାପିକା ସାହୁ)

୨୦୨୪ ନିର୍ବାଚନ ପାଇଁ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଭୋଟ ଶେଷ ହୋଇଛି। ଆସନ୍ତା ୨୫ତାରିଖରେ ରାଜଧାନୀ ଭୁବନେଶ୍ୱରର ୩ ନିର୍ବାଚନମଣ୍ଡଳୀରେ ମତଦାନ ହେବ। ଏହାକୁ ନେଇ ଏବେଠାରୁ ରାଜଧାନୀ ରାଜନୀତି ସରଗରମ ହେଲାଣି। ପ୍ରାର୍ଥୀମାନେ କିପରି ଜନତାଙ୍କ ହୃଦୟ ଜିତିବେ ସେଥିପାଇଁ ଚେଷ୍ଟା ଜାରି ରଖିଥିବାବେଳେ ସେପଟେ ସାଧାରଣ ଜନତା ବି ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିଷ୍ପତ୍ତି ନେଇ ସାରିଲେଣି। କିଏ ଦଳ ଦେଖି ଭୋଟ ଦେବ ବୋଲି କହୁଛନ୍ତି ତ' ଆଉ କିଏ ଜନତା ପାଇଁ କାମ କରିପାରୁଥିବା ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ କହୁଛନ୍ତି। ଆଉ କେତେଜଣ ପରିବର୍ତ୍ତନ କଥା ମଧ୍ୟ କହୁଛନ୍ତି। ସବୁଠାରୁ ବଡ଼ କଥା ହେଲା ଅଧିକାଂଶ ଲୋକ କେବଳ ଦୁଇଟି ଦଳ ମୁଖ୍ୟତଃ ବିଜେଡି ଏବଂ ଭାଜପା ବିଷୟରେ କହୁଛନ୍ତି। କେହି କଂଗ୍ରେସ ପ୍ରାର୍ଥୀଙ୍କ ନାମ ମଧ୍ୟ ଧରୁନାହାନ୍ତି। 'ଧରିତ୍ରୀ' ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ବୁଲି ମତାମତ ସଂଗ୍ରହ ବେଳେ ଭୋଟରଙ୍କଠାରୁ ମିଳିଥିବା ପ୍ରତିକ୍ରିୟା...



" ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ଭୁବନେଶ୍ୱରରେ ରହିଲିଣି। ମୁଁ ଝାରପଡ଼ା ଜେଲରେ କାର୍ଯ୍ୟରତ ଥିଲି। ଏବେ ଅବସର ନେଇସାରିଲଣି। କଂଗ୍ରେସ ମୋତେ ଦାନାପାଣି ଦେଇଥିଲା। ତାହା ମୁଁ କେବେ ଭୁଲିବି ନାହିଁ। କିନ୍ତୁ ଏବେ ସମୟ ବଦଳିଛି। ଲୋକ ଦେଖି ଭୋଟ ଦେବି। ଲୋକ ସଭା ପାଇଁ ଅପରାଜିତା ଷଡ଼ଙ୍ଗୀ ଏବଂ ବିଧାନସଭା ପାଇଁ ଜଗା ପ୍ରଧାନ ଛିଡ଼ା ହୋଇଛନ୍ତି।

– ସୁଦର୍ଶନ ନାୟକ



" ପୂର୍ବ ଭଳି ଭୁବନେଶ୍ୱରରେ ବିଶେଷ ସମସ୍ୟା ନାହିଁ। କେବଳ ପାଣି ଯୋଗାଣରେ ବେଳେ ବେଳେ ସମସ୍ୟା ଦେଖାଯାଉଛି। ନଚେତ ୭୦ଦଶକରେ ରାଜଧାନୀରେ ଯେଉଁ ଚିତ୍ର ଥିଲା ସେଥିରେ ବହୁ ପରିବର୍ତ୍ତନ ହୋଇଛି। ସ୍ୱାଭାବିକ ଭାବେ ଭୁବନେଶ୍ୱରରେ ଯାହା ଉନ୍ନତି ହେବା କଥା ସମୟ ଅନୁଯାୟୀ ହୋଇଛି। ଏଠି ପ୍ରାର୍ଥୀମାନେ କେବଳ ନିର୍ବାଚନ ବେଳେ ଆସନ୍ତି। ତା'ପରେ ଦେଖାଯାଆନ୍ତିନି। ଏପର୍ଯ୍ୟନ୍ତ ଆମ ଅଞ୍ଚଳରେ ପ୍ରଚାର ଜମି ନାହିଁ। ପରିବର୍ତ୍ତନ ସପକ୍ଷରେ କିନ୍ତୁ ହାୱା ଅଛି।

– ବସନ୍ତ କୁମାର ସ୍ୱାଇଁ



" ଭୁବନେଶ୍ୱରରେ ସେଭଳି କିଛି ଆଖିଦୃଶିଆ ବିକାଶ ହୋଇନାହିଁ। ବାହାରୁ ଜଣେ ଆସିଲେ ଭୁବନେଶ୍ୱରରେ ସେଭଳି କିଛି ଦେଖି ଖୁସି ହେବ, ସେମିତି କିଛି ନାହିଁ। ପର୍ଯ୍ୟଟନର ବିକାଶ ହେଉ ନାହିଁ। ସାଧାରଣ ସମସ୍ୟାକୁ ଦୂର କରିଦେଲେ ହେବନାହିଁ। ସବୁ କ୍ଷେତ୍ରରେ ବିକାଶ ଜରୁରୀ। ଅନେକଗୁଡ଼ିଏ ନଦୀ ଅଛି, ଯାହାର ସରକାର ଏ ପର୍ଯ୍ୟନ୍ତ ଉନ୍ନତୀକରଣ କରିନାହାନ୍ତି। ତେବେ ଆମ ଅଞ୍ଚଳରେ ଏଥର ପରିବର୍ତ୍ତନ ସପକ୍ଷରେ ହାୱା ଅଛି।

– ପୂର୍ଣ୍ଣଚନ୍ଦ୍ର ମିଶ୍ର



" ଭୁବନେଶ୍ୱରରେ ମୋର ଜନ୍ମ। ସବୁ ସାଧାରଣ ନିର୍ବାଚନରେ ମୁଁ ଏଠାରେ ଭୋଟ ଦେଉଛି। ଆମ ପାଇଁ ଯିଏ କାମ କରୁଛନ୍ତି ତାଙ୍କୁ ମୁଁ ଭୋଟ ଦେବି। ତେବେ ଯାହାକୁ ବି ଭୋଟ ଦେଉ ନା କାହିଁକି ନିର୍ବାଚନ ପରେ କିନ୍ତୁ କାହାର ଦର୍ଶନ ଦେଖାଯାଏନି। ନିର୍ବାଚନ ଆସିଲେ ସେମାନେ ଆମ ପାଖକୁ ଆସନ୍ତି। ଆଉ ସରିଗଲେ କାହାକୁ ପଚାରନ୍ତି ନାହିଁ।

– ସୋମନାଥ ପାତ୍ର



" ଛୋଟ ବେଳରୁ ଭୁବନେଶ୍ୱରରେ ରହିଛି। ଗତ ତିନୋଟି ସାଧାରଣ ନିର୍ବାଚନରେ ଭୋଟ ଦେଇଛି। ପୂର୍ବଥର ଗୁଡ଼ିକ ଚିହ୍ନ ଦେଖି ଭୋଟ ଦେଇଥିଲି। କିନ୍ତୁ ଏଥର ସେ ଭୁଲ କରିବି ନାହିଁ। କାରଣ ପରିବର୍ତ୍ତନର ଆବଶ୍ୟକ ରହିଛି। ଭୁବନେଶ୍ୱର ନାଁକୁ ମାତ୍ର ସ୍ମାର୍ଟସିଟି। କିନ୍ତୁ ଏଠାରେ କିଛି ସ୍ମାର୍ଟ ନୁହେଁ। ସବୁଠାରୁ ବଡ଼ ସମସ୍ୟା ଏଠି ବିଦ୍ୟୁତ୍। ବର୍ତ୍ତମାନ ଖରାଦିନରେ ବିଦ୍ୟୁତ କାଟ ହନ୍ତସନ୍ତ କରୁଛି। ସରକାର କହୁଛନ୍ତି ପାୱାର କଟ୍ ନାହିଁ, କିନ୍ତୁ ଦିନକୁ ବାରମ୍ବାର କରେଣ୍ଟ ଯାଉଛି।

– ବେବିରାଣୀ ରାଏ

" ଦୀର୍ଘ ୨୫ବର୍ଷ ହେବ ଭୁବନେଶ୍ୱରରେ ରହିଲିଣି। ଆମ ଘରୁ ତିନୋଟି ଭୋଟ ରହିଛି। ମୋ ଘର ଯେଉଁଠି ସେଠି ବିଜେଡି ହାୱା ଥିବାବେଳେ ଦୋକାନ ଯେଉଁଠି ସେଠି ଭାଜପାର ହାୱା ଦେଖାଯାଉଛି। ବିଧାନସଭା ପାଇଁ ଶଙ୍ଖକୁ ଭୋଟ ଦେବି। ଲୋକ ସଭା ପାଇଁ ମୋଦି ସରକାରକୁ ଦେବି। ସରକାର ଆମକୁ ଏଠି ପଟ୍ଟା ଦେଇଥିଲେ ମଧ୍ୟ ଘର କେବେ ମିଳିବ ଜଣାନାହିଁ।

– ଜଗନ୍ନାଥ ସିଂ

# ଜିଲାରେ ୨୯୯ ଆଦର୍ଶ ବୁଥ୍

ପୁରୀ, ୧୪।୫(ଅଜିତ ମହାନ୍ତି):

ପୁରୀ ଜିଲାର ୧୭ନଂ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ୧୬ନଂ ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନ କାକଟପୁର ଓ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୧୫୯୮ ବୁଥ୍ ବା ମତଦାନ କେନ୍ଦ୍ର ରହିଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଙ୍କ ନିର୍ଦ୍ଦେଶ କ୍ରମେ ଏଥିମଧ୍ୟରୁ ୨୯୯ଟି ମତଦାନ କେନ୍ଦ୍ରକୁ ମଡେଲ ବୁଥ୍ ବା ଆଦର୍ଶ ମତଦାନ କେନ୍ଦ୍ର ଭାବେ ପ୍ରସ୍ତୁତ କରାଯାଇ ମତଦାତାଙ୍କୁ ଆକୃଷ୍ଟ କରାଯିବାର ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ସଖୀ ବୁଥ୍ ବା କେବଳ ମହିଳା ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନଙ୍କ ସହଯୋଗରେ ପରିଚାଳିତ ବୁଥ ସଂଖ୍ୟା ୨୪୬। ସେହିପରି ଭିନ୍ନକ୍ଷମ ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନେ ୧୩ ବୁଥ୍ ପରିଚାଳନା କରିବେ। ୧୮ରୁ ୩୦ବର୍ଷ ବୟସ୍କ ଯୁବ ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନଙ୍କ ଦ୍ୱାରା ୧୪ଟି ବୁଥ୍ ପରିଚାଳିତ ହେବ। ଇକୋ ଫ୍ରେଣ୍ଡଲି ବା ପରିବେଶ ଉପଯୋଗୀ ବୁଥ୍ ଭାବେ ୧୪ଟି ଓ ଥିମ ବେସ ବା ବିଷୟ ଆଧାରିତ ବୁଥ ୧୨ଟି କରାଯିବ। ସମସ୍ତ ବୁଥ୍‌ରେ ଭୋଟରଙ୍କ ପାଇଁ ସର୍ବନିମ୍ନ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ସମୟରେ ଓ ବିଭିନ୍ନ ସ୍ଥାନରେ ସୁଇପ ବା ସିଷ୍ଟମେଟିକ ଭୋଟର ଏଜୁକେଶନ ଆଣ୍ଡ ଇଲେକ୍ଟ୍ରର୍ସ ପାର୍ଟିସିପେଶନ ପ୍ରୋଗ୍ରାମ ମାଧ୍ୟମରେ ଭୋଟରମାନଙ୍କୁ ମତଦାନ ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିବାରୁ ଚଳିତ ନିର୍ବାଚନରେ ମତଦାନ ହାର ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

■ ମହିଳା ପୋଲିଂ ଅଫିସର ପରିଚାଳନା କରିବେ ୨୪୬
■ ଭିନ୍ନକ୍ଷମ ଓ ଯୁବ ପୋଲିଂ ଅଫିସରଙ୍କୁ ୨୭ ବୁଥ୍ ଦାୟିତ୍ୱ

## ନିର୍ବାଚନ ସମ୍ପର୍କରେ ପର୍ଯ୍ୟବେକ୍ଷକଙ୍କୁ ଅଭିଯୋଗ କରିହେବ

ପୁରୀ,୧୪।୫(ଅଜିତ ମହାନ୍ତି)

ଜଗତ୍‌ସିଂହପୁର ଲୋକ ସଭା ଆସନରେ ନିର୍ବାଚନ ପାଇଁ ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଏଚ୍. ଜେ. ଦେଶାଇ ସମ୍ପ୍ରତି ଜଗତ୍‌ସିଂହପୁର ସର୍କିଟ୍ ହାଉସ୍‌ରେ ଅବସ୍ଥାନ କରୁଛନ୍ତି। ୧୦୫-କାକଟପୁର ଓ ୧୦୬-ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ୧୬ ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ। ତେଣୁ ସାଧାରଣ ପର୍ଯ୍ୟବେକ୍ଷକ ଦେଶାଇ ଏହି ଦୁଇ ନିର୍ବାଚନମଣ୍ଡଳୀ ଅନୁଧ୍ୟାନ କରୁଛନ୍ତି। ନିର୍ବାଚନ ସମ୍ପର୍କରେ କୌଣସି ପ୍ରାର୍ଥୀ, ରାଜନୈତିକ ଦଳ ବା ସାଧାରଣ ଲୋକଙ୍କର କୌଣସି ଅଭିଯୋଗ ଥିଲେ ସାଧାରଣ ପର୍ଯ୍ୟବେକ୍ଷକ ଦେଶାଇଙ୍କୁ ମୋବାଇଲ ନମ୍ବର ୯୭୭୨୭୭୯୪୦ରେ ଅବଗତ କରିପାରିବେ। ପ୍ରତ୍ୟହ ପୂର୍ବାହ୍ନ ୧୦ଟା ପରେ ତାଙ୍କୁ ଲିଆସନିଂ ଅଫିସରଙ୍କ ମାଧ୍ୟମରେ ଯୋଗାଯୋଗ ବା ସାକ୍ଷାତ କରି ଅଭିଯୋଗ କରାଯାଇପାରିବ ବୋଲି ପର୍ଯ୍ୟବେକ୍ଷକଙ୍କ ପକ୍ଷରୁ କୁହାଯାଇଛି।



ବାବା ଆଖଣ୍ଡଳମଣି ଅଟୋ ଚାଳକ ସଂଘ ପକ୍ଷରୁ ପୁରୀ ଶରଧାବାଲିଠାରେ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଉଛି ।

## ସଂକ୍ଷେପରେ

### ଦୁର୍ଘଟଣାରେ ସାଇକେଲ ଆରୋହୀ ମୃତ

ସାକ୍ଷୀଗୋପାଳ,୧୪।୫(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର/ଭରତ ରାଉତ)

ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥ ସତ୍ୟବାଦୀ ଥାନା ଅଧୀନ ପଟ୍ଟନାଇକିଆ ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଏକ ଦୁର୍ଘଟଣାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାଦୁଆ ଗ୍ରାମର ଗୌରାଙ୍ଗ ବେହେରା(୫୭)। ସତ୍ୟବାଦୀ ପୋଲିସ ମୃତଦେହ ଜବତ କରି ଏକ ମୋକଦ୍ଦମା ରୁଜୁ କରି ଘଟଣାର ତଦନ୍ତ କରୁଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି। ଗୌରାଙ୍ଗ ସାଇକେଲ ଯୋଗେ ତାଙ୍କ ଝିଅ ଘର ସଦାନନ୍ଦପୁରକୁ ଯାଉଥିଲେ। ପଟ୍ଟନାଇକିଆ ଛକ ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଗୁରୁତର ଆହତ ଅବସ୍ଥାରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବିଜେଡି ଛାଡ଼ିଲେ ସୁଦର୍ଶନ ସାହୁ

ପୁରୀ ୧୪।୫(ଅଜିତ୍ କୁମାର ମହାନ୍ତି)

ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ପୌର ସଦସ୍ୟ ସୁଦର୍ଶନ ସାହୁ ମଙ୍ଗଳବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ଦଳର ପ୍ରାଥମିକ ସଦସ୍ୟ ପଦରୁ ସେ ଇସ୍ତଫା ଦେଇଥିବା ନେଇ ସୂଚନା ଦେଇଛନ୍ତି। ସାହୁ ତାଙ୍କ ଇସ୍ତଫା ପତ୍ର ଦଳର ଜିଲା ସଭାପତି ଦିବାକର ପାତ୍ରଙ୍କ ନିକଟକୁ ପଠାଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି, ୨୫ ଏପ୍ରିଲ ୨୦୨୨ରିଖ ଦିନ ତାଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଏହା ବାବଦରେ ନିଜ ପକ୍ଷ ରଖି ସେ ତତ୍କାଳୀନ ଜିଲା ସଭାପତିଙ୍କୁ ଭେଟି ଜଣାଇଥିଲେ, କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହା ଉପରେ କୌଣସି ବିଚାର କରାଗଲା ନାହିଁ। ତେଣୁ ସେ ବାଧ ହୋଇ ବିଜେଡିରୁ ସମ୍ପର୍କ ଛିନ୍ନ କରୁଥିବା ପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ସମସ୍ତ ସହଯୋଗୀ, ସମର୍ଥକଙ୍କ ସହ ଖୁବ୍‌ଶୀଘ୍ର ଆଲୋଚନା କରିବା ପରେ ଆଗାମୀ କାର୍ଯ୍ୟପନ୍ଥା ନିଷ୍ପତ୍ତି ସାମୂହିକ ଗ୍ରହଣ କରିବେ ବୋଲି ସାହୁ ସୂଚନା ଦେଇଛନ୍ତି।

## ରଥଖଳାରୁ...

### ୩ ରଥର ୨୪ ତୁମ୍ବର ଗୋଲେଇ କାର୍ଯ୍ୟ ସରିଲା

ପୁରୀ,୧୪।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥ ଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଚାଲିଛି। ମଙ୍ଗଳବାର ରଥ ନିର୍ମାଣର ଚତୁର୍ଥ ଦିନରେ ୩ ରଥର ତୁମ୍ବ କାର୍ଯ୍ୟ ଜାରି ରହିଛି। ରଥ ନିର୍ମାଣରେ ନିୟୋଜିତ ସେବକ ଓ କାରିଗରମାନେ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ସମୟରେ ଆସି ରଥ ଖଳାରେ ପହଞ୍ଚି ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ମଙ୍ଗଳବାର ମଧ୍ୟାହ୍ନ ସୁଦ୍ଧା କରତୀ ସେବକମାନେ ତିନିରଥ ଚାଳିକୁ ସମସ୍ତ ୪୨ଗୋଟି ତୁମ୍ବଗଡ଼ କାଟି ଯୋଗାଇଛନ୍ତି। ତେବେ ୩ରଥ ପାଇଁ ଆବଶ୍ୟକ ହେଉଥିବା ୪୨ଗୋଟି ତୁମ୍ବ ମଧ୍ୟରୁ ଚତୁର୍ଥ ଦିନର କାର୍ଯ୍ୟ ଶେଷ ସୁଦ୍ଧା ୨୪ ଗୋଟି ତୁମ୍ବର ଗୋଲେଇ ସହ ମଠା କାର୍ଯ୍ୟ ଶେଷ କରିଛନ୍ତି । ସେଥିମଧ୍ୟରୁ ବଡ଼ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥର ୮, ମା' ସୁଭଦ୍ରାଙ୍କ ଦେବୀଦଳନ ରଥର ୮ ଏବଂ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ୮ ଏହିପରି ମୋଟ ୨୪ ଗୋଟି ତୁମ୍ବର ଗୋଲେଇ ସହ ମଠା କାର୍ଯ୍ୟ ଶେଷ ହୋଇଛି। ଅପରପକ୍ଷରେ ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ଅରକଣ୍ଟା ନିର୍ମାଣ ସହ ପନ୍ଦାରି ବଳା ନିର୍ମାଣ ଜାରି ରଖିଛନ୍ତି। ଚତୁର୍ଥ ଦିନରେ ରଥ ନିର୍ମାଣ କାର୍ଯ୍ୟରେ ତିନି ରଥର ମହାରଣା ସେବକ ୩୭ଜଣ ନିୟୋଜିତ ଥିବା ବେଳେ ଭୋଇ ସେବକ ୨୨ ଜଣ , କରତୀ ସେବକ ୪ଜଣ , କମାର ସେବକ ୯ ଜଣ, ବିନ୍ଧ କାରିଗର ଜଣେ, ରଥଖଳା ସହାୟକ(ପାଣିବାଲା) ଜଣେ ନିୟୋଜିତ ରହିଛନ୍ତି।

## ଦଶମ ଓ ଦ୍ୱାଦଶ ପରୀକ୍ଷାରେ ମଦର୍ସ ପବ୍ଲିକ୍ ସ୍କୁଲର ସଫଳତା

ଭୁବନେଶ୍ୱର,୧୪।୫(ଅନୁରାଧା ମହାରଣା)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଓ ଦଶମ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଥିବାବେଳେ ଏଥିରେ ମଦର୍ସ ପବ୍ଲିକ୍ ସ୍କୁଲ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ପୁରୀସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲର ଦଶମ ଶ୍ରେଣୀ ଛାତ୍ର ୯୯.୪ % ମାର୍କ ସହ ଜିତ୍ ନାରାୟଣ ପୂଜାପଣ୍ଡା ବିଦ୍ୟାଳୟ ତଥା ରାଜ୍ୟରେ ଟପ୍ପର ହୋଇଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବିଦ୍ୟାଳୟର ଛାତ୍ର ଅସ୍ମିତ ମହାନ୍ତି ୯୭.୪% ପ୍ରତିଶତ ରଖିଥିବାବେଳେ ଐଶାନୀ ମିଶ୍ର ୯୭% ମାର୍କ ହାସଲ କରିଛନ୍ତି। ଶ୍ରେଣୀର ମୋଟ ୪୬ ଜଣଙ୍କ ମଧ୍ୟରୁ ୨୨ ଜଣ ୯୦%ରୁ ଅଧିକ ମାର୍କ ରଖିଛନ୍ତି। ସେହିପରି ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲର କ୍ଷୀରାବ୍ଧି ତନୟା ସାମଲ ୯୮.୬ % ପ୍ରତିଶତ ମାର୍କ ରଖିଥିବାବେଳେ ସ୍ତୁତି ମହିମା ମିଶ୍ର ୯୮.୨% ଏବଂ ଶୁଭସ୍ମିତା ସାହୁ ୯୮.୨% ମାର୍କ ରଖି ଯଥାକ୍ରମେ ପ୍ରଥମ ଓ ଯୁଗ୍ମ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସିବିଏସ୍‌ଇ ଦ୍ୱାଦଶରେ ଉଭୟ ଭୁବନେଶ୍ୱର ଓ ପୁରୀସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲର ୧୧୫ରୁ ଅଧିକ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ଭୁବନେଶ୍ୱର ଶାଖାରେ ବିଜ୍ଞାନ ବିଭାଗରେ ୯୭.୬% ପ୍ରତିଶତ ମାର୍କ ସହ ସ୍ନେହାଶିଷ ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୯୬.୮% ମାର୍କ ସହ ଶୁଭାଂଶୀ ମିଶ୍ର ଦ୍ୱିତୀୟ ଏବଂ ୯୬.୪% ମାର୍କ ସହ ଶାଶ୍ୱତ ମହାନ୍ତ ୯୬.୪% ମାର୍କ ରଖି ବିଦ୍ୟାଳୟରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବାଣିଜ୍ୟ ବିଭାଗର ନିଖିଳ ସାହୁ ୯୭.୨% ମାର୍କ ସହ ପ୍ରଥମ ସ୍ଥାନରେ ରହିଥିବାବେଳେ ରୋହିତ ସନ୍ତୁକା ୯୫.୮% ମାର୍କସହ ଦ୍ୱିତୀୟ ଏବଂ ୯୩.୬% ମାର୍କସହ ଶୁଭମ ନାୟକ ତୃତୀୟ ସ୍ଥାନରେ ରହିଛନ୍ତି। ହ୍ୟୁମାନିଟିଜରେ ଶ୍ରେୟା ଶତରୂପା ସାହୁ ୯୫.୪% ମାର୍କ ରଖି ପ୍ରଥମ, ଦ୍ୱିପାନ୍ୱିତା ମିଶ୍ର ଓ ଶ୍ୱେତା ମହାପାତ୍ର ୯୪.୬% ମାର୍କ ରଖି ଯୁଗ୍ମଭାବେ ଦ୍ୱିତୀୟ ଏବଂ ଆୟୁଷୀ ପାଢ଼ୀ ୯୩.୮ ମାର୍କ ସହ ତୃତୀୟ ସ୍ଥାନରେ ରହିଛନ୍ତି। ପୁରୀ ଶାଖା ବିଜ୍ଞାନ ବିଭାଗରେ ଅନିମେଶ ତ୍ରିପାଠୀ ୯୫%, ପାର୍ଥସାରଥୀ ମୁଦୁଲି ୯୪% ଏବଂ ସଙ୍କେତ ମହାପାତ୍ର ୯୩% ମାର୍କ ରଖିଛନ୍ତି। ବାଣିଜ୍ୟରେ ଅଭିଷେକ ରାଉତ ୮୯% ମାର୍କ ସହ ବିଦ୍ୟାଳୟରେ ପ୍ରଥମ ସ୍ଥାନରେ ରହିଛନ୍ତି।

## ଆଧ୍ୟାତ୍ମିକ ଗୁରୁ ରବିଶଙ୍କରଙ୍କ ୬୮ତମ ଜୟନ୍ତୀ



ପୁରୀ,୧୪।୫(ଅଜିତ ମହାନ୍ତି)

ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ୬୮ତମ ଜୟନ୍ତୀ ଆର୍ଟ ଅଫ୍ ଲିଭିଂ ପୁରୀ ସେଣ୍ଟର ପକ୍ଷରୁ ସ୍ଥାନୀୟ ପୌର ସଦନ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାତଃରୁ ଗୁରୁ ଅଶୋକ ମିଶ୍ର, ପ୍ରଦୀପ ସାହୁ, ଗୀତା ଜେମାଙ୍କ ତତ୍ତ୍ୱାବଧାନରେ କ୍ରିୟା ସାଧନା କରାଯାଇଥିଲା। ଏହାପରେ ଦହି ସର୍ବତ ବଣ୍ଟାଯାଇଥିଲା। ସନ୍ଧ୍ୟାରେ ମହାସତସଙ୍ଗ ଓ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୋପାଳ ନାୟକ, ମଣ୍ଟୁ କୁମାର ଦାସ ଓ ବିଜୟ କୁମାର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଜିଲା ସଂଯୋଜକ ବ୍ରଜ କିଶୋର ସାହୁ, ସତ୍ୟରଞ୍ଜନ ମିଶ୍ର, ଶ୍ରୀନିବାସ ପାତ୍ର ଏବଂ ସୁନୀଲ ଜେନା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅରୁଣ ମହାନ୍ତି, ପ୍ରବୀର୍ ମହାନ୍ତି, ସଂଘମିତ୍ରା ମହାନ୍ତି, ହାପି ସିହ୍ନା, ପ୍ରଦୀପ ଚାଟାର୍ଜୀ, ଶରତ ପଟ୍ଟନାୟକ, ଭାସ୍କର ପାତ୍ର, ସତ୍ୟନାରାୟଣ ସାହୁ ଏବଂ ଦେବରାଜ ଦାସ ପ୍ରମୁଖ ସହଯୋଗ କରିଥିଲେ। ପୁରୁଷୋତ୍ତମ ନନ୍ଦ ଓ ରୀତାଞ୍ଜଳି ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।

## ପ୍ରାଦେଶିକ ମେଧା ପରୀକ୍ଷାଫଳ ପ୍ରକାଶିତ

ଭୁବନେଶ୍ୱର,୧୪।୫(ଅନୁରାଧା ମହାରଣା)

ଓଡ଼ିଶାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଗୁଡ଼ିକୁ ପରିଚାଳନା କରୁଥିବା ଶିକ୍ଷା ବିକାଶ ସମିତିର ପ୍ରାଦେଶିକ ମେଧା ପରୀକ୍ଷା ଏବଂ ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ତୃତୀୟ, ପଞ୍ଚମ, ସପ୍ତମ ଓ ନବମ ଶ୍ରେଣୀର ଚୟନ ହୋଇଥିବା ୨୨ହଜାର ୫ଶହ ୯୯ ଜଣ ମେଧାବୀ ଛାତ୍ରୀଛାତ୍ର ରାଜ୍ୟସ୍ତରରେ ୧୧୬ଟି ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ପ୍ରାଦେଶିକ ମେଧା ପରୀକ୍ଷାରେ ତୃତୀୟ ଶ୍ରେଣୀରେ ୫୯, ପଞ୍ଚମ ଶ୍ରେଣୀରେ ୫୧, ସପ୍ତମ ଶ୍ରେଣୀରେ ୪୬ ଏବଂ ନବମ ଶ୍ରେଣୀରେ ୩୬ ଜଣଙ୍କୁ ମିଶାଇ ମୋଟ ୧୯୨ ଜଣ ପ୍ରଥମ ୧୦ଟି ସ୍ଥାନରେ ରହିଛନ୍ତି। ସେହିପରି ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ତୃତୀୟ ଶ୍ରେଣୀରେ ୩୨, ପଞ୍ଚମ ଶ୍ରେଣୀରେ ୭୧, ସପ୍ତମ ଶ୍ରେଣୀରେ ୧୧୧ ଏବଂ ନବମ ଶ୍ରେଣୀରେ ୫୧ ଜଣ ଏଭଳି ମୋଟ ୨୬୫ ଜଣ ପ୍ରଥମ ୧୦ଟି ସ୍ଥାନରେ ରହି ସର୍ବକାଳୀନ ରେକର୍ଡ କରିଛନ୍ତି। ୫୦ ପ୍ରତିଶତରୁ ଅଧିକ ନମ୍ବର ରଖି ପ୍ରାଦେଶିକ ମେଧା ପରୀକ୍ଷାରେ ୮୮୦୬ ଜଣ ଏବଂ ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ୨୨୦୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟା ଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସଙ୍ଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ଏହି ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚିତ ହୋଇଥିଲା।

## ଭାଜପା ବିଧାୟକ ପ୍ରାର୍ଥୀ ଆଶ୍ରିତଙ୍କୁ ବୋମାମାଡ଼ ଧମକ

ବଳଙ୍ଗା,୧୪।୫(କେଦାରେଶ୍ୱର ନନ୍ଦ):

**ଜେଲଫେରନ୍ତାଙ୍କ ଉନ୍ମତ୍ତ କାଣ୍ଡ**

ଭାଜପାକୁ ଭୋଟ ଦେଲେ କିମ୍ବା ଦଳ ସାଙ୍ଗରେ ବୁଲିଲେ ବୋମା ପକାଇ ତତେ ଓ ତୋ ନେତାକୁ ହତ୍ୟା କରାଯିବ। ସୋମବାର ବିଳମ୍ବିତ ରାତିରେ ବଳଙ୍ଗା ଥାନା ଅଧୀନ ଚନ୍ଦ୍ରାଦେଇପୁର ଗ୍ରାମରେ ଜଣେ ଯୁବକଙ୍କୁ ଖୋଲାଖୋଲି ଧମକ ଦେଇ ଦୋକାନ ଭିତରୁ ଟଙ୍କା ଲୁଟ୍ କରିଛନ୍ତି ଜଣେ ଜେଲ୍‌ଫେରନ୍ତା। ଏନେଇ ଥାନାରେ ଅଭିଯୋଗ ହେବା ପରେ ବଳଙ୍ଗା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ଆଣି ଅଟକ ରଖିଛି।

ଚନ୍ଦ୍ରାଦେଇପୁରର ପ୍ରଶାନ୍ତ ନାୟକ କରିଥିବା ଅଭିଯୋଗ ଅନୁଯାୟୀ- ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିର ସାମ୍ନାରେ ପ୍ରଶାନ୍ତଙ୍କ ଏକ ପୂଜା ସାମଗ୍ରୀ ଦୋକାନ ଅଛି। ଉକ୍ତ ଦୋକାନରେ ପ୍ରଶାନ୍ତଙ୍କ ଭଣଜା ବିକାଶ ମହାପାତ୍ର ଶୋଇଥିଲେ। ରାତ୍ର ପ୍ରାୟ ୩ଟା ସମୟରେ ଗ୍ରାମର ଟୁଟୁ ବେହେରା ନାମକ ଜଣେ ଅସାମାଜିକ ଯୁବକ ଦୋକାନ ଆଗରେ ବସି ନିଶା ସେବନ କରି ବୋତଲକୁ ଭାଙ୍ଗି ଦୋକାନ କବାଟକୁ ବାଡେଇବାରୁ ବିକାଶ କବାଟ ଖୋଲିଥିଲେ। ଟୁଟୁ ବିକାଶଙ୍କୁ ଗାଳିଗୁଲଜ କରି ତୋ ମାମୁ କ'ଣ ପାଇଁ ଭାଜପାରେ ବୁଲୁଛି ବୋଲି କହି ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଯଦି ଏଥର ସେ ଭାଜପାରେ ବୁଲିବ କି ଭୋଟ ଦେବ, ତେବେ ତାକୁ ଓ ବିଧାୟକ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କୁ ବୋମା ପକାଇ ମାରିଦେବାକୁ ଧମକ ଦେଇଥିଲେ। ବିକାଶ ଭୟରେ ମାମୁ ପ୍ରଶାନ୍ତଙ୍କୁ ଡାକିବାକୁ ଯାଇଥିଲେ। ଏହି ସମୟରେ ଟୁଟୁ ଦୋକାନ ଭିତରେ ପଶି ୫ ହଜାର ଟଙ୍କା ନେଇଯାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଟୁଟୁ ଗତ କିଛି ମାସ ତଳେ ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ବୋମାମାଡ଼ କରି ଜେଲ ଯାଇଥିଲେ। ଟୁଟୁଙ୍କ ଏଭଳି କାର୍ଯ୍ୟକୁ ନେଇ ପ୍ରଶାନ୍ତ ଭୟଭୀତ ଅବସ୍ଥାରେ ଅଛନ୍ତି।

## କବିତା ସଙ୍କଳନ 'ଦୁଇକୂଳ ଛୁଇଁ' ଉନ୍ମୋଚନ

ପୁରୀ,୧୪।୫(ଅଜିତ୍ କୁମାର ମହାନ୍ତି)

ଡକ୍ଟର ଅର୍ଚ୍ଚନା ଆଚାର୍ଯ୍ୟଙ୍କ ଚତୁର୍ଥ କବିତା ସଙ୍କଳନ 'ଦୁଇକୂଳ ଛୁଇଁ'ର ଉନ୍ମୋଚନ ଅବସରରେ କେବଳ କବିଟିଏ ଦୁଃଖ କମେଇପାରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବଡ଼ଦାଣ୍ଡ ନାୟକ ପ୍ଲାଜା ସଭାଗୃହରେ ପୁରୀ ଜିଲା ଲେଖକ ସହଯୋଗ ସମିତି ଲିମିଟେଡ ଦ୍ୱାରା ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ଚିରଞ୍ଜନ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱପ୍ରକାଶ ପଟ୍ଟନାୟକ, ବିଜୟଲକ୍ଷ୍ମୀ ଦାଶ ମିଶ୍ର, ଡ. ହେମନ୍ତ ଛୋଟରାୟ, ଡ. କାର୍ତ୍ତିକ କୁମାର ଦାସ ଏବଂ ମୁଖ୍ୟବକ୍ତା ଭାବେ ଡ. ପ୍ରମୋଦ ଦଳାଇ ଉପସ୍ଥିତ ଥିଲେ। ବୀରେନ୍ଦ୍ର ମହାନ୍ତି ଉତ୍ସବ ସମ୍ପର୍କରେ ସୂଚନା ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ ପ୍ରଧାନ, ପ୍ରବାସିନୀ ମିଶ୍ର, ମନ୍ଦାକିନୀ ପଟ୍ଟନାୟକ, ଦୟାନିଧି ତ୍ରିପାଠୀ, ଉମାକାନ୍ତ ମହାପାତ୍ର, ହେମାଙ୍ଗିନୀ ମହାନ୍ତି, ମୀରା ମହାନ୍ତି, କୃଷ୍ଣଚନ୍ଦ୍ର ରଥ, କମଳ ଦାଶ, ଭାରତୀ ଭୂଷଣ ଦାସ, ମିନତି ମିଶ୍ର ପ୍ରମୁଖ ଉନ୍ମୋଚିତ ପୁସ୍ତକରୁ କବିତା ପାଠ କରିଥିଲେ। ଡା. ପ୍ରଦ୍ୟୁମ୍ନ ବଡ଼ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଡକ୍ଟର ଅର୍ଚ୍ଚନା ଆଚାର୍ଯ୍ୟଙ୍କ ଚତୁର୍ଥ କବିତା ସଙ୍କଳନ ପୁସ୍ତକ ଉନ୍ମୋଚନ କରାଯାଉଛି ।

## ଶେଷ ଦିନରେ ନାମାଙ୍କନ ଭରିଲେ ୧୪ ପ୍ରାର୍ଥୀ









କାକଟପୁର ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ,ଫରୱାର୍ଡ ବ୍ଲକ ପକ୍ଷରୁ ରବୀନ୍ଦ୍ର ନାଥ କାଣ୍ଡି, ବିଏସ୍‌ପି ପକ୍ଷରୁ ଛବି ମଲ୍ଲିକ,ନିମାପଡା ନିର୍ବାଚନମଣ୍ଡଳୀରୁ କାର୍ତ୍ତିକ ରାଓ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ।

ପୁରୀ,୧୪।୫(ଅଜିତ୍ କୁମାର ମହାନ୍ତି)

ଚଳିତ ସାଧାରଣ ନିର୍ବାଚନର ଅନ୍ତିମ ତଥା ସପ୍ତମ ପର୍ଯ୍ୟାୟ ଜୁନ ୧ତାରିଖରେ ଜଗତ୍‌ସିଂହପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ପୁରୀ ଜିଲାର କାକଟପୁର ଓ ନିମାପଡ଼ା ନିର୍ବାଚନମଣ୍ଡଳୀରେ ମତଦାନ ଅନୁଷ୍ଠିତ ହେବ। ମଙ୍ଗଳବାର ନାମାଙ୍କନ ଦାଖଲର ଶେଷଦିନ ହୋଇଥିବାରୁ ପ୍ରାର୍ଥୀମାନେ ନିଜ ସମର୍ଥକମାନଙ୍କ ସହ ଆସି ରିଟର୍ନିଂ ଅଫିସରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଶେଷଦିନରେ ଉଭୟ ନିବାଚନମଣ୍ଡଳୀ ପାଇଁ ୧୪ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। କାକଟପୁର ବିଧାନସଭା ଆସନ ନିମନ୍ତେ ମୋ ଦଳ ପକ୍ଷରୁ ସୁମନ୍ତ କୁମାର ସେଠୀ, ଅଲ୍ ଇଣ୍ଡିଆ ଫରୱାଡ ବ୍ଲକ୍ ପକ୍ଷରୁ ରବୀନ୍ଦ୍ର ନାଥ କାଣ୍ଡୀ, ବହୁଜନ ସମାଜ ପାର୍ଟିରୁ ଛବି ମଲିକ, ଓଡ଼ିଶା ପ୍ରଗତି ଦଳ ପକ୍ଷରୁ ତପନ କୁମାର ମଲ୍ଲିକ, କୃପା ପାର୍ଟି ପକ୍ଷରୁ କାର୍ତ୍ତିକା ରାଓ, ମାନସ ଲୋକଶକ୍ତି ଦଳ ପକ୍ଷରୁ ଜଲି ରାଉତ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ପୂର୍ବରୁ ପ୍ରାର୍ଥିପତ୍ର ଦାଖଲ କରିଥିବା ଭାଜପା ପ୍ରାର୍ଥୀ ବାଇଧର ମଲିକ ଏବଂ ଜାତୀୟ କଂଗ୍ରେସର ବିଶ୍ୱ ଭୂଷଣ ଦାସ ମଙ୍ଗଳବାର ଆଉ ଗୋଟିଏ ଲେଖାଏ ସେଟ୍ ଦାଖଲ କରିଛନ୍ତି। ପ୍ରାର୍ଥିପତ୍ର ଆଣି କାକଟପୁରର ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକଙ୍କ ନିକଟରେ ଦାଖଲ କରିଛନ୍ତି। ଅପରପକ୍ଷରେ ନିମାପଡ଼ା ବିଧାନସଭା ଆସନ ନିମନ୍ତେ ମଙ୍ଗଳବାର ୬ଜଣ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଜୟ ମହାଭାରତ ପାର୍ଟିରୁ ଗୋପାଳ କୃଷ୍ଣ ବେହେରା, ସ୍ୱାଧୀନ ପ୍ରାର୍ଥୀ ଭାବରେ ଅରୁଣ ସାହୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ପୂର୍ବରୁ ପ୍ରାର୍ଥିପତ୍ର ଦାଖଲ କରିଥିବା ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ଜିତେନ୍ଦ୍ରୀୟ ବେହେରା, କଂଗ୍ରେସର ସିଦ୍ଧାର୍ଥ କୁମାର ରାଉତରାୟ, ବିଜୁ ଜନତା ଦଳର ଦିଲ୍ଲୀପ କୁମାର ନାୟକ, ଓଡିଶା ପ୍ରଗତି ଦଳର ପ୍ରଦୀପ୍ତ କୁମାର ଚାନ୍ଦ ମଙ୍ଗଳବାର ଆଉ ଗୋଟିଏ ଲେଖାଏ ସେଟ୍ ଦାଖଲ କରିଛନ୍ତି। ପ୍ରାର୍ଥିପତ୍ର ଆଣି ନିମାପଡ଼ାର ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ(ପ୍ରୋଟକଲ)ଙ୍କ ନିକଟରେ ଦାଖଲ କରିଛନ୍ତି।

## ସଂକ୍ଷେପରେ

### ଆଜି କଟକରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ରୋଡ୍ ଶୋ’

କଟକ, ୧୪।୫(ଶିଳ୍ପା ପ୍ରିୟଦର୍ଶିନୀ)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବୁଧବାର କଟକ ଗସ୍ତ କରି ରୋଡ୍ ଶୋ’ ମାଧ୍ୟମରେ ନିର୍ବାଚନ ପ୍ରଚାର କରିବେ। ଏନେଇ ସିଡିଏସ୍ଥିତ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିନୋଦ ଦାସ ସୂଚନା ଦେଇଛନ୍ତି। ଅପରାହ୍ନ ସାଢ଼େ ୫ଟାରୁ ସ୍ଥାନୀୟ ଗୋପବନ୍ଧୁ ଛକଠାରୁ ଏହି ରୋଡ୍ ଶୋ’ ବାହାରି ବକ୍ସିବଜାର, ତିନିକୋଣିଆ ବଗିଚା, ଦରଘା ବଜାର, ଚୌଧୁରୀ ବଜାର, ଗୌରୀଶଙ୍କର ପାର୍କ ଦେଇ ନୟାସଡ଼କଠାରେ ଶେଷ ହେବ। ଏହି ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିଛି। ରୋଡ୍ ଶୋ’ରେ ଭାଜପା କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ, ବାରବାଟୀ-କଟକ ବିଧାନସଭା ପ୍ରାର୍ଥୀ ଡ. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଚୌଦ୍ୱାର-କଟକ ପ୍ରାର୍ଥୀ ନୟନ କିଶୋର ମହାନ୍ତି, କଟକ ସଦର ପ୍ରାର୍ଥୀ ପ୍ରକାଶ ସେଠୀ ଉପସ୍ଥିତ ରହିବେ ବୋଲି ବିନୋଦ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ, ରାଜ୍ୟ ସମ୍ପାଦକ ଯତୀନ ମହାନ୍ତିଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ନିଆଳି ନିର୍ବାଚନମଣ୍ଡଳୀ ପାଇଁ ୪ ପର୍ଯ୍ୟବେକ୍ଷକ ନିଯୁକ୍ତ

କଟକ,୧୪।୫ (କାର୍ତ୍ତିକ ସାହୁ)

ନିର୍ବାଚନ ପରିପ୍ରେକ୍ଷୀରେ ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଟକ ଜିଲାର ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ୪ ଜଣ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଲୋକମାନେ ପର୍ଯ୍ୟବେକ୍ଷକଙ୍କୁ ସିଧାସଳଖ ଫୋନ୍ କରି ଅଥବା ସାକ୍ଷାତ କରି ନିର୍ବାଚନ ସଂକ୍ରାନ୍ତୀୟ ଅଭିଯୋଗ ଜଣାଇପାରିବେ। ସେମାନଙ୍କ ମଧ୍ୟରୁ ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀ ଡ. ଏଚ୍. ପି. ଟୁମ୍ଭୋଡ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇବେ। ଡ. ଟୁମ୍ଭୋଡଙ୍କ ମୋବାଇଲ ନମ୍ବର ୯୭୭୭୨୭୭୯୪୦। ସେ ଜଗତ୍‌ସିଂହପୁର ସର୍କିଟ ହାଉସରେ ଅବସ୍ଥାନ କରୁଛନ୍ତି। ସେହିପରି ଭାରତୀୟ ରାଜସ୍ୱ ସେବାର ବରିଷ୍ଠ ଅଧିକାରୀ ଆଶିଷ ଚନ୍ଦ୍ର(ମୋ- ୯୫୫୬୪୫୦୮୧୯)ଓନେତ୍ରପାଲଏମ୍. ଏସ୍ (ମୋ-୯୫୫୬୪୯୪୧୮)ଙ୍କୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଏଥିସହ ବରିଷ୍ଠ ଆଇପିଏସ୍ ଅଧିକାରୀ ପୀୟୁଷ ପାଣ୍ଡେ (ମୋ- ୯୫୫୬୪୨୦୭୩୬)ଙ୍କୁ ପୋଲିସ୍ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଜନସାଧାରଣ ଯେକୌଣସି ସମୟରେ ପର୍ଯ୍ୟବେକ୍ଷକମାନଙ୍କୁ ଫୋନ୍ କରି ଅଭିଯୋଗ କରିପାରିବେ। ସେହିପରି ପୂର୍ବାହ୍ନ ୧୦ଟାରେ ଜନସାଧାରଣ ପର୍ଯ୍ୟବେକ୍ଷକମାନଙ୍କୁ ସର୍କିଟ ହାଉସ୍‌ରେ ସିଧାସଳଖ ସାକ୍ଷାତ କରି ନିର୍ବାଚନ ଅନିୟମିତତା ସମ୍ପର୍କରେ ଅଭିଯୋଗ କରିପାରିବେ ବୋଲି ଜିଲା ଲୋକ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।


କଟକ ପୋତାପୋଖରୀସ୍ଥିତ ନେତାଜୀ ଖେଳପଡ଼ିଆରେ ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ଅନୁଷ୍ଠିତ ନିର୍ବାଚନୀ ସଭାରେ ଉପସ୍ଥିତ ମହିଳା ଓ ଅନ୍ୟମାନେ।


କଟକ ବକ୍ସିବଜାର ଛକଠାରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ରୋଡ୍ ଶୋ’ କରୁଛନ୍ତି।

# ଶଙ୍ଖ ଚିହ୍ନକୁ ଭୋଟ ଦେଇ ଯୋଜନା ବଞ୍ଚାନ୍ତୁ: ପାଣ୍ଡିଆନ

କଟକ/କଟକ ସଦର/ ବାଙ୍କୀ/ ମାଣିଆବନ୍ଧ, ୧୪।୫(ଶିଳ୍ପା ପ୍ରିୟଦର୍ଶିନୀ/ସୁଶାନ୍ତ କୁମାର ଜେନା/ ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ଅଖିଳ କୁମାର ସାହୁ)

କଟକ ପୋତାପୋଖରୀସ୍ଥିତ ନେତାଜୀ ଖେଳପଡିଆଠାରେ ବିଜେଡି ପକ୍ଷରୁ ଏକ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକୁ କେତେ ମାର୍ଜିନ ଦେବେ ତାହା ଜନସାଧାରଣ ଜାଣି ସାରିଛନ୍ତି। ବିରୋଧୀ ସରକାର ଗଢ଼ିଲେ ଅନେକ ଯୋଜନା ବନ୍ଦ ହୋଇଯିବ। ତେଣୁ ଶଙ୍ଖ ଚିହ୍ନକୁ ଭୋଟ ଦେଇ ଯୋଜନା ବଞ୍ଚାନ୍ତୁ। କଟକ ଭୋଟ ମାର୍ଜିନରେ ୧/୨ ନମ୍ବର ସ୍ଥାନରେ ଆସିବ ବୋଲି ବିଶ୍ୱାସ ରହିଥିବା ପାଣ୍ଡିଆନ କହିଛନ୍ତି।

ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ଚୌଦ୍ୱାର-କଟକ ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ଯୋଗଦେଇ କହିଛନ୍ତି, କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ରାଜ୍ୟବାସୀଙ୍କ ଉପରେ ରହିଛି। କେନ୍ଦ୍ର ସରକାର ଯାହା କାମରେ କରିପାରିନି, ତାହାକୁ ରାଜ୍ୟ ସରକାର କରିଛନ୍ତି। ମୁଖ୍ୟମନ୍ତ୍ରୀ ଚୌଦ୍ୱାରବାସୀଙ୍କ ପାଇଁ ବହୁ ବିକାଶମୂଳକ କାର୍ଯ୍ୟ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ କାମ କରିବେ ବୋଲି ଉଭୟ ପ୍ରାର୍ଥୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କର୍ପୋରେଟର, ୱାର୍ଡ ସଭାପତି, ଯୁବକ, ଛାତ୍ର, ମହିଳା ମୋର୍ଚ୍ଚାର କର୍ମୀ ଉପସ୍ଥିତ ଥିଲେ।

ସଭା ପରେ ମାଛୁଆ ବଜାର ଅଞ୍ଚଳରେ ପାଣ୍ଡିଆନଙ୍କୁ ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ମାଛୁଆ ବଜାର ଏଲଆଇସି କାର୍ଯ୍ୟାଳୟ ସମ୍ମୁଖରୁ ପାଣ୍ଡିଆନ୍‌ଙ୍କ ରୋଡ୍ ଶୋ’ ଆରମ୍ଭ ହୋଇଥିଲା। ମଣିସାହୁ ଛକ, ବକ୍ସିବଜାର, ତିନିକୋଣିଆ ବଗିଚା, ଦରଘା ବଜାର, ଗୌରୀଶଙ୍କର ପାର୍କ, ନୟାସଡକ, ବାଲୁବଜାର, ଚାନ୍ଦିନୀଚୌକ, ଶେଖ୍ ବଜାର, ଚଣ୍ଡୀ ଛକ, କନିକା ଛକ, ସେଲ୍‌ଟର ଛକ, ଦେଉଳ ସାହି ଛକ ଦେଇ ବିଡ଼ାନାସୀ ବନ୍ଧ ଛକରେ ରୋଡ୍ ଶୋ’ ଶେଷ ହୋଇଥିଲା। ଏହି ରୋଡ୍ ଶୋ’ ସମୟରେ କଟକବାସୀଙ୍କୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବା ପାଇଁ ପାଣ୍ଡିଆନ୍ ନିବେଦନ କରିଛନ୍ତି। ଏଥିସହ ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି କେବଳ କଟକବାସୀଙ୍କର ନୁହେଁ, ସମଗ୍ର ରାଜ୍ୟବାସୀଙ୍କର ଅତୁଟ ବିଶ୍ୱାସ ରହିଛି। ବିରୋଧୀମାନେ କେବଳ ଅପପ୍ରଚାର ଚଳାଇଛନ୍ତି। ଏହି ରୋଡ୍ ଶୋ’ରେ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା, ଚୌଦ୍ୱାର-କଟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ, କଟକ ମହାନଗର ନିଗମ(ସିଏମ୍‌ସି)ମେୟର ସୁବାସ ସିଂଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଏହି ରୋଡ୍ ଶୋ’ ସମୟରେ ଜୟ ନବୀନ, ଜୟ ଶଙ୍ଖ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସହର।

ସେହିପରି କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଫକୀରପଡ଼ାଠାରେ ନିର୍ବାଚନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପାଣ୍ଡିଆନ୍ ଯୋଗଦେଇ ଦେଶରେ ନବୀନ ଯୋଜନାକୁ ଅନ୍ୟ ରାଜ୍ୟ ଅନୁସରଣ କରିଛି ବୋଲି କହିଛନ୍ତି। ଏହି ସଭାରେ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବିଧାୟକ ପ୍ରାର୍ଥୀ ଚନ୍ଦ୍ରସାରଥି ବେହେରା ଯୋଗଦେଇ ଯୋଡି ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏଥିରେ ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ମନୋଜ ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

କାର୍ତ୍ତିକ ପାଣ୍ଡିଆନ ବାଙ୍କୀ ଗସ୍ତରେ ଆସି କଟକ ବିଜେଡି ଏମ୍‌ପି ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର ଓ ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀଙ୍କ ପାଇଁ ଭୋଟ ପ୍ରଚାର କରିଛନ୍ତି। ସ୍ଥାନୀୟ ବି.କେ.ବିଦ୍ୟାପୀଠ ଖେଳପଡିଆରେ ପାଣ୍ଡିଆନ ହେଲିପ୍ୟାଡରୁ ଓହ୍ଲାଇବା ପରେ ବାଙ୍କୀ କଚେରି ପଡ଼ିଆସ୍ଥିତ ସଭାସ୍ଥଳକୁ ଆସିଥିଲେ। ସଭାସ୍ଥଳରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ସେ ନିର୍ବାଚନୀ ସଭାକୁ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ବାଙ୍କୀରେ ରାଜ୍ୟ ସରକାର କେଉଁ ସବୁ ପ୍ରକଳ୍ପ ପାଇଁ କେତେ ଟଙ୍କା ଦେଇଛନ୍ତି ସେ ବିଷୟରେ ପାଣ୍ଡିଆନ କହିବା ସହ ରାଜ୍ୟସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ସଂତୃପ୍ତ ଓ ଦେବୀରଞ୍ଜନଙ୍କ ସମେତ ବାଙ୍କୀ ନଗରପାଳ ମାଣିକ ସାହୁ, ଡମପ ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ଉପନଗରପାଳ ସନ୍ତୋଷ କୁମାର ରଣା, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା ପ୍ରମୁଖ ଯୋଗଦେଇଥିଲେ।

ବଡ଼ମ୍ବା ବିଧାନସଭା ନିର୍ବାଚନମଣ୍ଡଳୀର ମାଣିଆବନ୍ଧ ବ୍ୟୋମଯାନ ପଡ଼ିଆରେ ଅନୁଷ୍ଠିତ ନିର୍ବାଚନ ସଭାରେ କାର୍ତ୍ତିକ ପାଣ୍ଡିଆନ ବିରୋଧୀଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ଭାଜପା ନେତାମାନେ ଟୁରିଷ୍ଟ ଭଳି ଆସି ଯେଉଁ ବଡ଼ ବଡ଼ କଥା କହୁଛନ୍ତି ବଡ଼ମ୍ବା ନିର୍ବାଚନ ମଣ୍ଡଳୀର ଜନସାଧାରଣ ଏହାର ଉଚିତ ଜବାବ ଦେବେ। ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସେ ଅବଗତ କରାଇବା ସହ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ଆହ୍ୱାନ ଦେଇଥିଲେ।



ବାଙ୍କୀରେ ଦେବୀ ରଞ୍ଜନ ତ୍ରିପାଠୀଙ୍କ ପାଇଁ କାର୍ତ୍ତିକ ପାଣ୍ଡିଆନ ପ୍ରଚାର କରୁଛନ୍ତି। ପୁରୁଣା ତିଗିରିଆସ୍ଥିତ ଖେଳପଡ଼ିଆରେ କାର୍ତ୍ତିକ ପାଣ୍ଡିଆନଙ୍କୁ ସ୍ୱାଗତ କରାଯାଉଛି।

### ସହାୟତା ଲୋଡ଼ିଲେ ଦିବ୍ୟାଙ୍ଗ ପରିବାର

କଟକର ବିଭିନ୍ନ ସ୍ଥାନରେ ପାଣ୍ଡିଆନ୍ ରୋଡ୍ ଶୋ’ କରିଥିଲେ। ମଣିସାହୁ ଛକଠାରେ ଏକ ଦିବ୍ୟାଙ୍ଗ ପରିବାରର ସଦସ୍ୟ ତାଙ୍କୁ ଭେଟି ସହାୟତା ଯୋଗାଇ ଦେବା ପାଇଁ ଲିଖିତ ଆକାରରେ ଜଣାଇଥିଲେ। ରୋଡ୍ ଶୋ’ରେ ସାମିଲ ହୋଇଥିବା ସ୍ୱତନ୍ତ୍ର ପ୍ରଚାର ଗାଡିରୁ ପାଣ୍ଡିଆନ୍ ଓହ୍ଲାଇ ଆସି ଉକ୍ତ ପରିବାରର ସଦସ୍ୟଙ୍କ ସହିତ ଆଲୋଚନା କରି ସମସ୍ତ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

### ଭାବବିହ୍ୱଳ ହେଲେ ରଣେନ୍ଦ୍ର

ତିଗିରିଆ,୧୪।୫(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ପୁରୁଣା ତିଗିରିଆସ୍ଥିତ ଖେଳପଡିଆରେ ଆୟୋଜିତ ନିର୍ବାଚନ ସଭାରେ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ୍ ଦେଇ ବିଜେଡିକୁ ଜିତାଇବାକୁ କହିଥିଲେ। ସଭାସ୍ଥଳରେ ମହିଳାମାନେ ତାଙ୍କୁ ହୁଳହୁଳି ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଆଠଗଡ ବିଧାନସଭା ବିଜେଡି ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭାବବିହ୍ୱଳ ହେବା ସହ ଏହା ମୋର ଶେଷ ନିର୍ବାଚନ କହି ଆଶୀର୍ବାଦ ମାଗିବା ସହ କାନ୍ଦି ପକାଇଥିଲେ। ଶେଷ ଜୀବନ ପର୍ଯ୍ୟନ୍ତ ଆଠଗଡ ତିଗିରିଆ ଜନସାଧାରଣଙ୍କ ସେବା କରିବି ବୋଲି ପ୍ରତିଶ୍ରୁତି ଦେଇ ଉପସ୍ଥିତ ଜନସାଧାରଣଙ୍କୁ ମୁଣ୍ଡିଆ ମାରି ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ନେତା ଭାବେ ଭାଗୀରଥି ନନ୍ଦ, ରୁପା ଦଳେଇ, ମାନସ ସାହୁ, ସସ୍ମିତା ରାଉତ, ସଞ୍ଜୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ଶ୍ରୀରାମଚନ୍ଦ୍ର ଭବନରେ ମଙ୍ଗଳବାର ଅନୁଷ୍ଠିତ ସାମାଜିକ କର୍ମୀ ମମତା ଦାସଙ୍କ ସ୍ମୃତି ଉତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିବୃନ୍ଦ।

### ‘ସେବା ଜୀବନକୁ ବିକଶିତ କରେ’

କଟକ,୧୪।୫ (କାର୍ତ୍ତିକ ସାହୁ)

କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ସାମାଜିକ କର୍ମୀ ମମତା ଦାସଙ୍କ ଦ୍ୱିତୀୟ ସ୍ମୃତି ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସୂଚନା ଆୟୋଗର ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ସମାଜସେବା ବାସ୍ତବରେ ଈଶ୍ୱରଙ୍କ ସେବା। ସେବା ହିଁ ଜୀବନକୁ ବିକଶିତ କରେ। ପ୍ରଫେସର ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡା. ଶକ୍ତି ପ୍ରସାଦ ଦାସ ଯୋଗଦେଇ ମଣିଷ ସେବାରେ ଜୀବନ ଧନ୍ୟ ହୁଏ ବୋଲି କହିଥିଲେ। ସ୍ମୃତି ସଂସଦ ଉପଦେଷ୍ଟା ଡା. ରବିନାରାୟଣ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ଶ୍ରୀ ଦିଗମ୍ବର ଜୈନ ଯୁବମଣ୍ଡଳକୁ ମମତା ସମାଜସେବା ସମ୍ମାନ ଓ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ପୂର୍ବତନ ସଭାପତି ସୁରେଶ କୁମାର କମାଣିଙ୍କୁ ମମତା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ଯୁବମଣ୍ଡଳ ପକ୍ଷରୁ ଭରତ କୁମାର ଧନୱତ ସମ୍ମାନ ଗ୍ରହଣ କରିଥିଲେ। ସମ୍ପାଦକ ଡ. କମଳ ମାହୁନ୍ତ ସ୍ୱାଗତ ଭାଷଣ, ଉପସଭାପତି ଡ. ଅଭୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ସୁକାନ୍ତ ପ୍ରସାଦ ନନ୍ଦ ଓ ସାଇଜ୍ୟୋତି ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରୋଡ୍ ଶୋ’ରେ ନିର୍ବାଚନୀ ପ୍ରଚାର କଲେ ସୋଫିଆ

କଟକ, ୧୪।୫(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋଶ ମଙ୍ଗଳବାର ରୋଡ୍ ଶୋ’ ମାଧ୍ୟମରେ ନିର୍ବାଚନ କରିଛନ୍ତି। ବକ୍ସିବଜାରଠାରୁ ଏହି ରୋଡ୍ ଶୋ’ ବାହାରି ତିନିକୋଣିଆ ବଗିଚା, ଦରଘା ବଜାର, ସେମିନାରୀ ଛକ, ପିଠାପୁର, ଝୋଲାସାହିଠାରେ ଶେଷ ହୋଇଥିଲା। ରୋଡ୍ ଶୋ’ ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ସମର୍ଥକମାନେ ସୋଫିଆଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ରୋଡ୍ ଶୋ’ରେ ସୋଫିଆ ସହରବାସୀଙ୍କର ଆଶୀର୍ବାଦ ଭିକ୍ଷା କରିବା ସହ ସେବା କରିବା ପାଇଁ ସୁଯୋଗ ଦେବାକୁ ନିବେଦନ କରିଥିଲେ। ଏନେଇ ସୋଫିଆ କହିଛନ୍ତି, ଶିକ୍ଷିତ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ କଟକ ସହରକୁ ସବୁଜ ସୁନ୍ଦର ଭାବରେ ଗଢି ତୋଳିବା ମୁଖ୍ୟ ଲକ୍ଷ୍ୟ ରହିଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ, ପୂର୍ବତନ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ଶୈବାଳିନୀ ଜେନା, ଆର୍ଯ୍ୟବୀର ଲେଙ୍କାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ରୋଡ ଶୋ’ ମାଧ୍ୟମରେ କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋଶ ନିର୍ବାଚନ ପ୍ରକାର କରୁଛନ୍ତି।

## ଶେଷ ଦିନରେ ୧୪ ପ୍ରାର୍ଥିପତ୍ର ଦାଖଲ

**ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ**

କଟକ, ୧୪।୫(ଶିଳ୍ପା ପ୍ରିୟଦର୍ଶିନୀ)

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ମଙ୍ଗଳବାର ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ସରିଛି। ଶେଷ ଦିନରେ ୧୪ ଜଣ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ୍‌ଙ୍କ ନିକଟରେ ମାହାଙ୍ଗା ବିଜେଡି ପ୍ରାର୍ଥୀ ଅଙ୍କିତ୍ ପ୍ରତାପ ଜେନା, ସମାଜବାଦୀ ପାର୍ଟି ପ୍ରାର୍ଥୀ ବିନୋଦ ଷଡ଼ଙ୍ଗୀ, ଓଡ଼ିଶା ଜନତା ପାର୍ଟି ପ୍ରାର୍ଥୀ ଚିତ୍ତରଞ୍ଜନ ସାହୁ, ଇଣ୍ଡିଆନ୍ ସିଟିଜେନ୍ ପାର୍ଟି ପ୍ରାର୍ଥୀ ଡ଼. ଦୁର୍ଗା ଚରଣ ନାୟକ, ସମୃଦ୍ଧ ଓଡ଼ିଶା ପ୍ରାର୍ଥୀ ପ୍ରଦୀପ୍ତ ମହାନ୍ତି, ସ୍ୱାଧୀନ ପ୍ରାର୍ଥୀ ଜୟନ୍ତ କୁମାର ଦାସ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଅତିରିକ୍ତ ଉପଜିଲାପାଳ ଦେବାଶିଷ ମହାପାତ୍ରଙ୍କ ନିକଟରେ ନିଆଳି କଂଗ୍ରେସ ପ୍ରାର୍ଥୀ ଜ୍ୟୋତି ରଞ୍ଜନ ମଲ୍ଲିକ, ସ୍ୱାଧୀନ ପ୍ରାର୍ଥୀ ଗୀତାଞ୍ଜଳି ମଲ୍ଲିକ, ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ବେଦ ପ୍ରସାଦ ଦାସ, ସ୍ୱାଧୀନ ପ୍ରାର୍ଥୀ ଦିଲୀପ ଦାସ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସାଲେପୁର ବିଧାନସଭା ଆସନ ପାଇଁ କୃପା ପାର୍ଟିର ପ୍ରାର୍ଥୀ ମଧୁସୂଦନ ସାହୁ, ସମାଜବାଦୀ ପାର୍ଟି ପ୍ରାର୍ଥୀ ଅମରେଶ ପାତ୍ର, ସ୍ୱାଧୀନ ପ୍ରାର୍ଥୀ ବିଶ୍ୱେଶ୍ୱର ସ୍ୱାଇଁ, ଶୁଭେଶ ରଞ୍ଜନ ପରିଡା ମଙ୍ଗଳବାର ଅତିରିକ୍ତ ଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।


ମାହାଙ୍ଗା ବିଜେଡି ପ୍ରାର୍ଥୀ ଅଙ୍କିତ୍ ପ୍ରତାପ ଜେନା ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

## ସଂକ୍ଷେପରେ

### ଗୋଡ଼ାରେ ହାତୀ ଉପଦ୍ରବ

ବେଗୁନିଆ,୧୪।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ବଢ଼ିଚାଲିଛି। ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁ ମୁହାଁ ହେଉଛନ୍ତି। ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର, ପାଚେରି ଭାଙ୍ଗୁଥିବା ନଜିର ରହିଛି। ସୋମବାର ବିଳମ୍ବିତ ରାତିରେ ଏକ ହାତୀ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମରେ ପଶି ଲୋକମାନଙ୍କ କଦଳୀ ଓ ନଡ଼ିଆ ଗଛ ନଷ୍ଟ କରିଦେଇଥିବା ଜଣାପଡିଛି। ଗ୍ରାମର ଗୋବିନ୍ଦ ଚନ୍ଦ୍ର ଖୁଣ୍ଟିଆ ଓ ଚକ୍ରଧର ପାଇକରାୟଙ୍କ ବାରିରେ ପଶି କଦଳୀ ଗଛ ନଷ୍ଟ କରିଥିବା ବେଳେ ବାନାମ୍ବର ବାରିକଙ୍କ ଦୁଇଟି ନଡ଼ିଆ ଗଛ ନଷ୍ଟ କରି ଦେଇଛି। ଗ୍ରାମବାସୀ ବାଣ ଫୁଟାଇବା ସହ ଲାଇଟ ପକାଇ ହାତୀଟିକୁ ଜଙ୍ଗଲ ଅଭିମୁଖେ ଘଉଡ଼ାଇଦେଇଥିଲେ।

### ଗ୍ରାମ୍ୟଅଦାଲତ ଖୋଲିବା ପାଇଁ ରାଷ୍ଟ୍ରପତିଙ୍କ ସୁପାରିସ

ବେଗୁନିଆ,୧୪।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମର ସାମାଜିକକର୍ମୀ ସନ୍ତୋଷ କୁମାର ପଣ୍ଡା ୨୦୧୮ ମସିହାରେ ଗ୍ରାମ୍ୟ ଅଦାଲତ ଖୋଲିବା ପାଇଁ ଉଚ୍ଚ ନ୍ୟାୟଳୟର ଅଭିଯୋଗ କରିଥିଲେ। ପଣ୍ଡାଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ସୁଫଳ ନ ମିଳିବାରୁ ସେ ୨୦୨୪ ମାର୍ଚ୍ଚ ୧୭ ତାରିଖରେ ରାଷ୍ଟ୍ରପତିଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରିଥିଲେ। ଗତ ୩ ତାରିଖରେ ରାଷ୍ଟ୍ରପତିଙ୍କ ଭବନରୁ ଚିଠି ନମ୍ବର ୧୩୫୫୧/୨୪ଜିଏ ପିଜି ସୁପାରିସପତ୍ରରେ ମୁଖ୍ୟ ଶାସନ ସଚିବଙ୍କୁ ବାଘମାରୀରେ ଗ୍ରାମ୍ୟ ଅଦାଲତ ତୁରନ୍ତ ଖୋଲିବା ପାଇଁ ଚିଠି କରିଛନ୍ତି।

### ଦୁର୍ଘଟଣାରେ ୬ ଆହତ

ପୁରୀ,୧୪।୫(ଅଜିତ୍ କୁମାର ମହାନ୍ତି)

ପୁରୀ ବାଟମଙ୍ଗଳା ନିକଟରେ ମଙ୍ଗଳବାର ଏକ ଟାଟା ଏସି ଗାଡ଼ି ଧକ୍କା ଦେବାରୁ ସେଠାରେ ଉପସ୍ଥିତ ୬ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଆହାତଙ୍କୁ ଆମ୍ବୁଲାନ୍ସ ଯୋଗେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ କଟକ ପଠାଯାଇଥିବାବେଳେ ଜଣେ ପୁରୀଠାରେ ଚିକିତ୍ସିତ ହେଉଛନ୍ତି। ଗୁରୁତରମାନେ ହେଲେ ପୁରୀ ସଦର ଅଞ୍ଚଳର ଗାୟତ୍ରୀ ମହାପାତ୍ର (୪୦), ଖୋର୍ଦ୍ଧା ତରବୋଇ ଅଞ୍ଚଳର ସୁଲୋଚନା ସାହୁ, ବୋଲଗଡ଼ ଅଞ୍ଚଳର ପୂର୍ଣ୍ଣ ମହାପାତ୍ର, ପୁରୀ ସହରରେ ରହୁଥିବା ସୁବାଷ ଚନ୍ଦ୍ର ଜେନା, ଚନ୍ଦନପୁର ଅଞ୍ଚଳର ହାତୀ ମହାନ୍ତି। ସ୍ଥାନୀୟ ଲୋକେ ଉକ୍ତ ଗାଡ଼ି ଚାଳକଙ୍କୁ ଅଟକ ରଖିବା ସହ ପୋଲିସକୁ ଖବର ଦେଇଥିଲେ। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗାଡ଼ିକୁ ଜବତ କରିବା ସହ ଲୋକେ ଚାଳକଙ୍କୁ ପୋଲିସ ଜିମା ଦେଇଥିଲେ। ତେବେ ଚାଳକ ଜଣଙ୍କ ମଦ୍ୟପାନ କରି ଦ୍ରୁତ ଗତିରେ ଗାଡ଼ି ଚଳାଉଥିବାରୁ ଏଭଳି ସିରିଜ୍ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଏକ ସିମେଣ୍ଟ ବୋଝେଇ ଟାଟା ଏସି ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ ମିନିଟ୍‌ରେ ପୁରୀ ଅଭିମୁଖେ ଦ୍ରୁତ ଗତିରେ ଆସୁଥିଲା। ଏହି ସମୟରେ ମା' ବାଟ ମଙ୍ଗଳାଙ୍କ ମନ୍ଦିର ନିକଟରେ କେତେଜଣ ବାଇକ୍‌ରେ ଏବଂ କେତେଜଣ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିଲେ। ଟାଟା ଏସିଟି ସେଠାରେ ଠିଆ ହୋଇଥିବା ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା। ଫଳରେ ୬ ଜଣ ବ୍ୟକ୍ତି ତଳେ ପଡ଼ି ଆହାତ ହୋଇଥିଲେ।

# ଗ୍ରାମାଞ୍ଚଳରେ ନିଶା କାରବାର, ଯୁବପିଢ଼ି ପଥଭ୍ରଷ୍ଟ

- ଗଦା ହେଲାଣି ମଦ, ଗୁଟ୍‌ଖା ପଲିଥିନ
- ମାନୁନାହାନ୍ତି କଟକଣା, ପରିବେଶ ସୁରକ୍ଷା ଚିନ୍ତା

ବେଗୁନିଆ,୧୪।୫(ହର ପ୍ରସନ୍ନ ପଣ୍ଡା)

ମାଦକ ଦ୍ରବ୍ୟ ସେବନ ଶରୀର ପକ୍ଷେ କ୍ଷତିକାରକ। ମଦ୍ୟପାନ ନେଉଛି ଜୀବନ, ଦେଖାଦେଉଛି ସାମାଜିକ ତଥା ପାରିବାରିକ ବିଶୃଙ୍ଖଳା। ଏହା ସଭିଏ ଜାଣନ୍ତି। ହେଲେ ଏବେ ଗ୍ରାମରେ ବୃଦ୍ଧି ପାଇଛି ପଲିଥିନ ପ୍ୟାକେଟ୍‌ରେ ମଦ ବେପାର। ଲୋକେ ଏହାକୁ ପିଇ ପ୍ୟାକେଟ୍‌କୁ ଏଣେତେଣେ ଫୋପାଡୁଛନ୍ତି। ଗାଁ ପରିବେଶରେ କୁଢ କୁଢ ଗଦା ହେଲାଣି ଗୁଟ୍‌ଖା ଓ ମଦ ପଲିଥିନ। ତେବେ ସାମାଜିକ ବିଶୃଙ୍ଖଳାଠୁ ବଳେଇଲାଣି ପରିବେଶ ସୁରକ୍ଷା ଚିନ୍ତା। ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ଏଭଳି ବ୍ୟତିକ୍ରମ ଦେଖାଦେଇଛି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

ସୂଚନାଥାଉ କି, ପଲିଥିନ, ପ୍ଲାଷ୍ଟିକ ଓ ଗୁଟ୍‌ଖା ବ୍ୟବସାୟ ଉପରେ ସରକାର କଟକଣା ଜାରି କରିଥିଲେ। ୨୦୧୮ ଅକ୍ଟୋବର ୨ରୁ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନିଷିଦ୍ଧ କରିବା ଲାଗି ରାଜ୍ୟବାସୀଙ୍କ ସହଯୋଗ ଲୋଡିଥିଲେ। ଏହା ସହ ଏହାର ବ୍ୟବହାରକୁ ରୋକିବା ସହିତ ପଦକ୍ଷେପ ନେବା ପାଇଁ ପଞ୍ଚାୟତିରାଜ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବାସ୍ତବରେ ତାହା କାର୍ଯ୍ୟକାରୀ ନ ହୋଇ ଅପବ୍ୟବହାର ବଢିଚାଲିଛି। ବେଗୁନିଆ ବ୍ଲକ ଅଞ୍ଚଳରେ ସବୁଠି ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଖୁଲମଖୁଲା ଚାଲିଛି। ପଦକ୍ଷେପ ତ ଦୂରର କଥା ସଚେତନତା ନିମନ୍ତେ କୌଣସି ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଉନି ବୋଲି ସାମାଜିକ କର୍ମୀ ଶିବ କୁମାର ମୁନି କହିଛନ୍ତି। ସେହିପରି ପ୍ଲାଷ୍ଟିକ ଓ ପଲିଥିନର ମାତ୍ରାଧିକ ବ୍ୟବହାର ପରିବେଶ ସାସ୍ଥ୍ୟ ଉପରେ କୁ ପ୍ରଭାବ ପକାଉଛି। ଏହାକୁ ପରିତ୍ୟାଗ କରିବା ଉଚିତ। ଏହା ସହିତ ମଦ୍ୟପାନ ଦ୍ୱାରା ସାମାଜିକ ତଥା ପାରିବାରିକ ବିଶୃଙ୍ଖଳା ଗ୍ରାମରେ ଦେଖାଦେଉଛି। ଏବେ ଗାଁ ପରିମଳ ଅବସ୍ଥା ବିଗିଡି ଯାଇଛି। ମଠ, ମନ୍ଦିର, ସ୍କୁଲ ଏବଂ ସର୍ବସାଧାରଣ ସ୍ଥାନରେ ସବୁଠି ଗୁଟଖା ଏବଂ ମଦ ପଲିଥିନ କୁଢ କୁଢ ଗଦା ହେଲାଣି। ତେବେ ସୁସ୍ଥ ଜୀବନଯାପନ ପାଇଁ ଏହା ଅଧିକ କୁପ୍ରଭାବ ପକାଉଛି। ତେବେ ଏହାକୁ ରୋକିବା ଲାଗି ସଚେତନତା ଜରୁରୀ ବୋଲି ପରିବେଶବିତ୍ ରାଜ କିଶୋର ପାଣିଗ୍ରାହୀ କହିଛନ୍ତି। ବେଗୁନିଆ ବ୍ଲକ ଅଞ୍ଚଳରେ ବେଆଇନ ଦେଶୀ ରନ୍ଧା ମଦ କାରବାର ବୃଦ୍ଧି ପାଉଥିବା ନେଇ ଥାନା ଏବଂ ଅବକାରୀ ବିଭାଗ ପକ୍ଷରୁ ଅନେକ ସମୟରେ ଚଢ଼ାଉ କରାଯାଉଛି। ଏହି ଅଞ୍ଚଳରୁ ମଧ ଦେଶୀ ରନ୍ଧାମଦ ପ୍ରସ୍ତୁତି ହୋଇ ବିଭିନ୍ନ ଜିଲାକୁ ଚାଲାଣ କରାଯାଇଥିବା ବିଗତ ଦିନରେ ଥାନାରେ ହୋଇଥିବା ମାମଲାରୁ ଜଣାପଡ଼ିଛି। ଏବେ ପୁଣି ସ୍ଥାନୀୟ ଅଞ୍ଚଳରେ ଦେଶୀ ମଦ ପଲିଥିନ ବଜାରରେ ଉପଲବ୍ଧ ହେଉଛି। ଧାର୍ଯ୍ୟ ମୂଲ୍ୟ ଲେଖା ନ ହୋଇ ବିଭିନ୍ନ ଦରରେ ବିକ୍ରି ହେଉଛି। ଏହା ଉପରେ ଚଢ଼ାଉ କିମ୍ବା ସମ୍ପୃକ୍ତ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।


ବିଭିନ୍ନ ସ୍ଥାନରେ ପଡ଼ିରହିଥିବା ବ୍ୟବହୃତ ମଦ ପଲିଥିନ।


ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶୀପୁର ବଡ଼ପାଟଣା ଗ୍ରାମରେ ସୀତାରାମ ନାଟ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ରାମଲୀଳା ନାଟକ 'ଲଙ୍କା ଦହନ'ର ଏକ ଦୃଶ୍ୟ। (ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)


ମଦନମୋହନ ନାଟ୍ୟକଳା ସଂସଦ ପକ୍ଷରୁ ଜଟଣୀ ପାତ୍ରପଡ଼ାଠାରେ ଅନୁଷ୍ଠିତ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମଙ୍ଗଳବାର କଳାକାରଙ୍କ ଦ୍ୱାରା ପାଇକ ଆଖଡ଼ା ପ୍ରଦର୍ଶନ କରାଯାଉଛି। (ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)

## ମଦ ବେପାରକୁ ବିରୋଧ କରିବାରୁ ପଡ଼ୋଶୀଙ୍କୁ ଆକ୍ରମଣ

ଭୁବନେଶ୍ୱର,୧୪।୫ (ସୂର୍ଯ୍ୟକାନ୍ତ ବେହେରା)

ବେଆଇନ ମଦ ବେପାର କାରବାରକୁ ବିରୋଧ କରିବାରୁ ପଡ଼ୋଶୀଙ୍କୁ ଇଟାରେ ଆକ୍ରମଣ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ନିର ଦାସ ଓରଫ ଟିମା। ସୂଚନା ଅନୁଯାୟୀ, ଅଭିଯୋଗକାରୀ ରାଜକିଶୋର ଶର୍ମା ତାଙ୍କ ପରିବାର ସହିତ ଭରତପୁର ସତ୍ୟନଗର ଅଞ୍ଚଳରେ ରହୁଥିବାବେଳେ ଟିମାଙ୍କ ଘର ତାଙ୍କ ଘରକୁ ଲାଗିରହିଛି। ଟିମା ବେଆଇନ ଭାବେ ଦୀର୍ଘଦିନ ହେବ ତାଙ୍କ ଘର ନିକଟରେ ମଦ ବ୍ୟବସାୟ କରିଆସୁଥିଲେ। ଫଳରେ ନିଶାଡ଼ିମାନେ ସେଠାରେ ମଦ୍ୟପାନ କରି ଅପ୍ରୀତିକର ପରିବେଶ ସୃଷ୍ଟି କରୁଥିଲେ। ଏ ନେଇ ରାଜକିଶୋର ମଦ ବିକ୍ରିକୁ ବିରୋଧ କରିବାରୁ ଟିମା ଉତ୍ତ୍ୟକ୍ତ ହୋଇ ଗୋଟିଏ ଇଟାରେ ତାଙ୍କୁ ଆକ୍ରମଣ କରିଥିଲେ।

## ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ 'ପ୍ରଥମ ଅରୁଣ ଭୂୟାଁ ସ୍ମୃତି ସମ୍ମାନ'

ଭୁବନେଶ୍ୱର, ୧୪।୫ (ବନ୍ଦନା ସେଠୀ)

କୋକିଳା ଡ୍ୟାନ୍ସ ଏଣ୍ଡ୍ ମ୍ୟୁଜିକ୍ ଏକାଡେମୀର ୩ୟ ବାର୍ଷିକ ଏବଂ ପ୍ରଥମ ଅରୁଣ ଭୂୟାଁ ସମ୍ମାନ ପ୍ରଦାନ ଉତ୍ସବ ମଙ୍ଗଳବାର ରବୀନ୍ଦ୍ରମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ 'ପ୍ରଥମ ଅରୁଣ ଭୂୟାଁ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ମାନସୀ ଭୂୟାଁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବର ପ୍ରଥମ ଅଧିବେଶନରେ ସର୍ବଭାରତୀୟସ୍ତରୀୟ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ ମିଲୋନୀ ମହାନ୍ତି ପ୍ରଥମ, ଅନୁଷ୍କା ଶାହା ଦ୍ୱିତୀୟ, ସାଇସୌମ୍ୟକାନ୍ତ ଏବଂ ସୁଶ୍ରୀ ସସ୍ମିତା ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ଗୁରୁଜଙ୍ଗରେ ମନ୍ମଥ, ରାଜେନ୍ଦ୍ରଙ୍କ ପଦଯାତ୍ରା



ଖୋର୍ଦ୍ଧା,୧୪।୫(ପ୍ରଭାତ ପାଣିଗ୍ରାହୀ)

ନିର୍ବାଚନ ଯେତିକି ପାଖଉଛି ନେତାଙ୍କ ପ୍ରଚାର ସେତିକି ଜମୁଛି। ଲୋକଙ୍କ ଆସ୍ଥା ଭାଜନ ହେବା ଓ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଉଛନ୍ତି ବିଭିନ୍ନ ଦଳର ପ୍ରାର୍ଥୀ। ମଙ୍ଗଳବାର ଖୋର୍ଦ୍ଧା ବିଧାନସଭା ବିଜେଡି ପ୍ରାର୍ଥୀ ବିଧାୟକ ରାଜେନ୍ଦ୍ର ସାହୁ ଏବଂ ଭୁବନେଶ୍ୱର ଲୋକ ସଭା ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ ଗୁରୁଜଙ୍ଗରେ ପଦଯାତ୍ରାରେ ବାହାରି ନଗର ପରିକ୍ରମା କରି ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ଅପରାହ୍ନ ୪ଟାରେ ଶ୍ରୀଧବଳେଶ୍ୱରଙ୍କ ଦର୍ଶନ, ଆଶୀର୍ବାଦ ନେଇ ମନ୍ମଥ ଓ ରାଜେନ୍ଦ୍ର ଯାତ୍ରା ଶୁଭାରମ୍ଭ କରିଥିଲେ। ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ପୂର୍ବତନ ପୌରାଧକ୍ଷା ସଞ୍ଜୁକ୍ତା ସାହୁ, ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂ ସାମନ୍ତଙ୍କ ସହ ସ୍ଥାନୀୟ କାଉନସିଲର, ଶତାଧିକ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ପଦଯାତ୍ରା ଗୁରୁଜଙ୍ଗ ମାଳି ସାହି, ନନ୍ଦ ସାହି, ଦିୱାନ ସାହି, ହାଉସିଂବୋର୍ଡ କଲୋନୀ, କୋଟିଲା କଣସାହି, ଦଳିତସାହି ପରିକ୍ରମା କରିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ ଯୋଜନା ଏବଂ ନିର୍ବାଚନୀ ଇସ୍ତାହାର ସମ୍ପର୍କରେ ଲୋକଙ୍କୁ କହିଥିଲେ। ଏହି ଅବସରରେ ରାଜେନ୍ଦ୍ର କହିଥିଲେ, ଖୋର୍ଦ୍ଧାର ସର୍ବାଙ୍ଗୀନ ବିକାଶ ପ୍ରତି ଗୁରୁତ୍ୱ ଦିଆଯିବ। ସହରରୁ କ୍ୟାବିନ ମୁକ୍ତ, ସ୍ମାରକୀ ନିର୍ମାଣକୁ ତ୍ୱରାନ୍ୱିତ ସହ ଐତିହାସିକ ବରୁଣେଇ ପୀଠର ସୌନ୍ଦର୍ଯ୍ୟକରଣ ସହ ସହର ସୌନ୍ଦର୍ଯ୍ୟକରଣ ପ୍ରାଥମିକତା ରହିବ ବୋଲି କହିଛନ୍ତି। ଲୋକଙ୍କ ସର୍ବନିମ୍ନ ସୁବିଧା ଉପଲବ୍ଧ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ବିକାଶର ଧାରାରେ ସାମିଲ ହେବା ପାଇଁ ମନ୍ମଥ ଆହ୍ୱାନ କରିଥିଲେ। ନବୀନ ପଟ୍ଟନାୟକ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀଭାବେ ଶପଥ ନେବା ପରେ ରାଜ୍ୟର ୯୦ପ୍ରତିଶତ ଲୋକଙ୍କୁ ଜୁଲାଇରୁ ବିଦ୍ୟୁତ୍ ବିଲ୍ ଦେବାକୁ ପଡିବ ନାହିଁ। ମୁଖ୍ୟମନ୍ତ୍ରୀ ୨୪ଘଣ୍ଟା ଖଟୁଛନ୍ତି। ଜନତାଙ୍କ ପୁଣି ଥରେ ଆଶୀର୍ବାଦ ରହିଲେ ଏକ ଉଜ୍ଜ୍ୱଳ, ସମୃଦ୍ଧ ଓଡ଼ିଶା ଗଠନ ହେବ ବୋଲି ସେ କହିଥିଲେ। ଏହି ପଦଯାତ୍ରାରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ଶତାଧିକ ସଦସ୍ୟା ଯୋଗଦେଇଥିଲେ।

## ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ଆହ୍ୱାନ


ସମ୍ମିଳନୀରେ ବିଜେଡି ପ୍ରାର୍ଥୀ ଏବଂ ଅନ୍ୟମାନେ।

ବୋଲଗଡ଼/ବେଗୁନିଆ,୧୪।୫
(ଦେବବ୍ରତ ହୋତା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ନିର୍ବାଚନମଣ୍ଡଳୀର ରାଜସୁନାଖଳା ସ୍ଥିତ ଆଶୀର୍ବାଦ କଲ୍ୟାଣ ମଣ୍ଡପ ପରିସରରେ ମଙ୍ଗଳବାର ବିଜେଡି ସଂଖ୍ୟା ଲଘୁ ସମ୍ପ୍ରଦାୟର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକ ସଭା ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ, ବେଗୁନିଆ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ, ଜିଲା ସହ ପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର, ଜିଲା ବିଜେଡି ଉପସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ, ସେକ୍ ନିଜାମୁଦ୍ଦିନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ସରକାର ଜନସାଧାରଣଙ୍କ ହିତ ପାଇଁ ପ୍ରଣୟନ କରିଥିବା ଲୋକାଭିମୁଖି ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ଲୋକ ସଭା ପ୍ରାର୍ଥୀ ମନ୍ମଥ ଏବଂ ବିଧାନସଭା ପ୍ରାର୍ଥୀ ପ୍ରଦୀପଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଘରେଘରେ ବୁଲି ପ୍ରଚାର କରୁଛନ୍ତି କାଳୁ



ଖୋର୍ଦ୍ଧା,୧୪।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବିଧାନସଭା ଆସନରେ ଭାଜପାରୁ ଟିକେଟ କଟିବା ପରେ କାଳୁଚରଣ ଖଣ୍ଡାୟତରାୟ ସ୍ୱାଧୀନ ପ୍ରାର୍ଥୀଭାବେ ଲଢୁଛନ୍ତି। ଲୋକଙ୍କ ନିକଟତର ହେବାକୁ ସେ ଜୋରଦାର ପ୍ରଚାର ଚଳାଇଛନ୍ତି। ତାଙ୍କ ଚିହ୍ନ ରହିଛି ବାଲ୍‌ଟି। କାଳୁ ବାଲ୍‌ଟି ଧରି ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ଗାଁ କୂଅ ତ' କେତେବେଳେ ନଳକୂପ ପାଖରେ ପହଞ୍ଚି ବାଲ୍‌ଟିରେ ପାଣି ଭରି ଲୋକଙ୍କ ହାତକୁ ଟେକି ଭୋଟ ଭିକ୍ଷା କରୁଛନ୍ତି। ଥରୁଟିଏ ବାଲ୍‌ଟି ଚିହ୍ନରେ ଭୋଟ ଦେଇ ଜିତେଇବାକୁ ଅନୁରୋଧ କରୁଥିବା ଦେଖିବାକୁ ମିଳିଛି। ଏହି ଅବସରରେ କାଳୁ କହିଛନ୍ତି, ଦୀର୍ଘ ବର୍ଷ ଧରି ଖୋର୍ଦ୍ଧା ଆସନ ବିଜେଡି ହାତରେ ରହିଛି। ତେବେ ଖୋର୍ଦ୍ଧାର ଗତାନୁଗତିକ ବିକାଶ ହୋଇନାହିଁ। ଭାଜପା ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଷଡ଼ଯନ୍ତ୍ର କରି ତାଙ୍କ ଟିକେଟ କାଟିଥିଲେ। ନିର୍ବାଚନରେ ଏହାର ପ୍ରତିଫଳନ ହେବ। ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ବେକାରି ସମସ୍ୟା, ଶ୍ରୀମନ୍ଦିର ପାହାଡ ନିଲାମ ସୁପରିଚାଳନା, ସ୍ଥାନୀୟ ନିଯୁକ୍ତି ଉପରେ ଗୁରୁତ୍ୱ ଦେବେ ବୋଲି ସେ ପ୍ରକାଶ କରିଛନ୍ତି।

## ୧୫ ଗ୍ୟାସ୍ ଟାଙ୍କି ନେଇଗଲେ ଦୁର୍ବୃତ୍ତ

ଯାଁଳା,୧୪।୫(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅଧୀନ ଯାଁଳା ପଞ୍ଚାୟତ ଅଞ୍ଚଳରୁ ଦୁର୍ବୃତ୍ତମାନେ ୧୫ଟି ଗ୍ୟାସ ଟାଙ୍କି ନେଇଯାଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନାଁ ନେଇ ମାଗଣାରେ ଟାଙ୍କିରେ ଗ୍ୟାସ ଭର୍ତ୍ତି କରାଇଦେବୁ କହି ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଥିବା ବ୍ୟକ୍ତିମାନେ ହେଲେ ଦକ୍ଷିଣ ମୁଣ୍ଡମୁହାଣର ପୀତବାସ ଭୋଇ, ଭାଗ୍ୟଧର ନାୟକ, ଓଗାଳପଡା ଅଞ୍ଚଳର ପ୍ରତାପ ନାୟକ, ପ୍ରଭାକର ନାୟକ, ଆରତ ନାୟକ, ଭରତ ନାୟକ ଓ ରଘୁନାଥ ନାୟକ। ସେହିଭଳି ଅନ୍ୟ ଦୁଇସାହିର ୫ ଜଣଙ୍କ ଟାଙ୍କି ନେଇଯାଇଛନ୍ତି। ଅଭିଯୋଗ ମୁତାବକ, ସୋମବାର ଅପରାହ୍ନରେ ଦୁଇ ଜଣ ଦୁର୍ବୃତ୍ତ ଏକ ଲୁନାରେ ଆସିଥିଲେ। ସେମାନେ ଯାଁଳା ପଞ୍ଚାୟତର ଦକ୍ଷିଣ ମୁଣ୍ଡମୁହାଣ, ଓଗାଳପଡ଼ା, ଗୋପାଳପୁର ଓ ରାଧାଚରଣପୁର ଅଞ୍ଚଳରେ ପହଞ୍ଚିଥିଲେ। ପ୍ରତି ସାହିରୁ ୩/୪ ଘରର ଲୋକଙ୍କୁ ଡାକି ଏକ ନିର୍ଦ୍ଦିଷ୍ଟ ଦଳରୁ ଆସିଛୁ ବୋଲି କହିଥିଲେ। ଘରେ ଖାଲି ଥିବା ଗ୍ୟାସ ଟାଙ୍କି ଦେଲେ ତୁମମାନଙ୍କୁ ଏକ ଗ୍ୟାସ ଭର୍ତ୍ତି ଟାଙ୍କି, ଚାଉଳ ୧୦କେଜି ଓ ଡାଲି ୩କେଜି ଦିଆଯିବ ବୋଲି କହିଥିଲେ। ଗ୍ୟାସ ବହିର ଫଟୋ ଉଠାଇବା ସହ ଗାଡି ଆସିବା ପରେ ଆପଣମାନଙ୍କୁ ଫୋନ କରି ଡାକି ଦିଆଯିବ ବୋଲି କହିଥିଲେ। ପରେ ଦୁର୍ବୃତ୍ତମାନଙ୍କୁ ଲୋକେ ଖାଲି ଟାଙ୍କି ଦେଇଥିଲେ। ରାତି ୮ଟା ପର୍ଯ୍ୟନ୍ତ ଗ୍ୟାସ ଟାଙ୍କି ଗାଡି ନ ଆସିବାରୁ ଉକ୍ତ ଦଳର କେତେଜଣ କର୍ମୀଙ୍କୁ ଲୋକମାନେ ପଚାରିଥିଲେ। ତୁମକୁ କିଏ ମିଛ କହି ଗ୍ୟାସ ଟାଙ୍କି ନେଇଯାଇଯାଛନ୍ତି ବୋଲି କର୍ମୀମାନେ କହିବା ପରେ ମଙ୍ଗଳବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ।

## 'ସଚ୍ଚି ରାଉତରାୟଙ୍କ ପାଇଁ ଏ ମାଟି ଗର୍ବ କରେ'

ଖୋର୍ଦ୍ଧା,୧୪।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସଂସଦ ସଦନଠାରେ ମହାକବି ଖୋର୍ଦ୍ଧା ମାଟିର ଦ୍ରୋଣ ଜ୍ଞାନପୀଠ ବିଜେତା ଡ.ସଚ୍ଚିଦାନନ୍ଦ ରାଉତରାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ସଭାପତିତ୍ୱ ଭାଷଣରେ ସଚ୍ଚି ରାଉତରାୟଙ୍କ ଛାତ୍ର ଓ ସଂଗ୍ରାମୀ ଜୀବନ ସମ୍ପର୍କରେ ଅବତାରଣା କରିଥିଲେ। ଛାତ୍ର ଜୀବନରୁ ସେ ପ୍ରଚଣ୍ଡ ରାଷ୍ଟ୍ରଭକ୍ତ ଥିଲେ। ସ୍କୁଲ ହଲ୍‌ର ଶୀର୍ଷରେ ତ୍ରିରଙ୍ଗା ପତାକା ଉଡ଼ାଇ ଚର୍ଚ୍ଚାକୁ ଆସିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ସ୍କୁଲରୁ ସ୍ଥାନାନ୍ତରିତ ହେବାକୁ ପଡିଥିଲା। ଶହୀଦ ରଘୁ ଦିବାକରଙ୍କ ଦ୍ୱାରା ରଣପୁର ପ୍ରଜା ମଣ୍ଡଳରେ ସାମିଲ ହୋଇଥିଲେ। ତାଙ୍କର ବିପ୍ଳବାତ୍ମକ କବିତା ପୁସ୍ତକଦ୍ୱୟ ବ୍ରିଟିଶ ସରକାରଙ୍କ ଦ୍ୱାରା ବ୍ୟାଜାପ୍ତି ହୋଇଥିଲା। ତାଙ୍କ ରଚିତ ଦେଶାତ୍ମବୋଧକ ଗୀତି କବିତା ସଂଗ୍ରାମୀମାନଙ୍କୁ ଶତ ସଂଗ୍ରାମର ପ୍ରେରଣା ଯୋଗାଇଥିଲା ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା ନିରଞ୍ଜନ ମହାନ୍ତି ଜାତୀୟ ଓ ଅନ୍ତର୍ଜାତୀୟ ସାହିତ୍ୟ କ୍ଷେତ୍ରରେ ସଚ୍ଚିଦାନନ୍ଦଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆ ସାହିତ୍ୟ ଜଗତକୁ ସଚ୍ଚି ରାଉତରାୟଙ୍କ ଅବଦାନ ଅତୁଳନୀୟ। ତାଙ୍କ ରଚିତ ଛୋଟ ମୋର ଗାଁଟିର ସ୍ୱର ଆଜି ମଧ୍ୟ ସାଧାରଣରେ ଗୁଞ୍ଜରିତ ହେଉଛି। ଗ୍ରାମୀଣ ସଂସ୍କୃତି, ପରମ୍ପରା, ଗ୍ରାମୀଣ ପାଠଶାଳା, ଗାଁ ଦାଣ୍ଡର ଗୋଧୂଳିକୁ କବି ଅତି ଚମତ୍କୃତ ଭାବେ ବର୍ଣ୍ଣନା କରି କାଳଜୟୀ ହୋଇପାରିଛନ୍ତି। ସେ ଏ ମାଟିର ଗର୍ବ ଓ ଗୌରବ ବୋଲି କହିଥିଲେ। କବି ବଂଶୀଧର ଦାସ ଓ କବି ନାରାୟଣ ଦାସ କବିଙ୍କ ସାମଗ୍ରିକ ସାହିତ୍ୟକୃତୀ ସମ୍ପର୍କରେ ଆଲୋଚନା କରିଥିଲେ। ଉପସଭାପତି ଇତିଶ୍ରୀ ସାହୁ ସ୍ୱାଗତ ଭାଷଣ, କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ବିଜେଡି ପ୍ରାର୍ଥୀଙ୍କ ଜୋରଦାର ପ୍ରଚାର

ବେଗୁନିଆ,୧୪।୫(ସନ୍ଧ୍ୟାରାଣୀ ମିଶ୍ର)

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ବେଗୁନିଆ ନିର୍ବାଚନମଣ୍ଡଳୀରେ ନେତାମାନଙ୍କ ପ୍ରଚାର ସେତିକି ଜମୁଛି। ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ୨୪ନଂ. ଜୋନର ଦେଉଳି, ଗୋବିନ୍ଦପୁର, ଗଡ଼ମାଣିତୀର, ବୋତଲମା, ହୀରାପୁର, ଶଗଡ଼ଭଙ୍ଗା, ହଜ ଓ ସିକୋ ଆଦି ପଞ୍ଚାୟତରେ ପ୍ରତ୍ୟେକ ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ବୁଝିବା ସହ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ଜିଲା ପରିଷଦ ସଭ୍ୟ ତନୁଜା ପାଟଶାଣୀ, ପ୍ରକାଶ ଚନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ରଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ବିଜେଡିର ମିଶ୍ରଣ ପର୍ବ

**ସାଲେପୁର, ୧୪।୫ (ଅରବିନ୍ଦ ଭୂୟାଁ)**

ସାଲେପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ପଞ୍ଚାୟତରେ ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଯୁବନେତା ନନ୍ଦକିଶୋର ଭୂୟାଁଙ୍କ ସଭାପତିତ୍ୱରେ କେଶବ ମଣ୍ଡପଠାରେ ଆୟୋଜିତ ଏହି ବୈଠକରେ ସାଲେପୁର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ନାୟକ, ସରପଞ୍ଚ ପ୍ରତିନିଧି ମହେଶ୍ୱର ମଲ୍ଲିକ, ରାମଚନ୍ଦ୍ର ଜେନା, ମନୋରଞ୍ଜନ ଭୂୟାଁ, ରଘୁନାଥ ସାମଲ, ଧ୍ରୁବଚରଣ ମୁଦୁଲି ପ୍ରମୁଖ ଯୋଗଦେଇ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ଚନ୍ଦ୍ରାଦେଇପୁର ପଞ୍ଚାୟତର ପୁନାନନ୍ଦ ସେଠୀ, ଜଗନ ମହାନ୍ତି, ନୀତିଶ ନିଶାନ ଭୂୟାଁ, ସୁଶାନ୍ତ ସାମଲ, ନିହାର ରଞ୍ଜନ ସାମଲ, ରାଜେଶ ସାମଲ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ।

### ଆଇନଜୀବୀଙ୍କ ସହ ଆଲୋଚନା କଲେ ସୁରେଶ, ମୀରା

**କଟକ, ୧୪।୫ (ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଲୋକ ସଭା କଂଗ୍ରେସ ପ୍ରାର୍ଥୀ ସୁରେଶ ମହାପାତ୍ର ଓ ଚୌଦ୍ୱାର-କଟକ ବିଧାନସଭା ପ୍ରାର୍ଥୀ ମୀରା ମଲ୍ଲିକ ମଙ୍ଗଳବାର ବିଭିନ୍ନ ବାର୍ ଆସୋସିଏଶନରେ ଆଇନଜୀବୀଙ୍କୁ ସାକ୍ଷାତ କରି ନିର୍ବାଚନ ସମ୍ପର୍କରେ ଆଲୋଚନା କରିଛନ୍ତି। ଏନେଇ ସୁରେଶ କହିଛନ୍ତି, ଅନେକ ବର୍ଷ ଧରି ରାଜ୍ୟରେ ମନମୁଖୀ ଶାସନ ଚାଲିଆସିଛି। ଲୋକମାନେ ଏଥିରେ ଅତିଷ୍ଠ ହୋଇ ପଡିଲେଣି। ଏବେ ପରିବର୍ତ୍ତନର ସମୟ ଆସିଛି। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଓ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ।

# ଖୁଣ୍ଟୁଣୀରେ ନିର୍ବାଚନୀ ହିଂସା


ଖୁଣ୍ଟୁଣୀ ଥାନା ସମ୍ମୁଖରେ ଭାଜପା ପ୍ରାର୍ଥୀ ଅଭୟ ବାରିକଙ୍କ ନେତୃତ୍ୱରେ କର୍ମୀମାନେ ଧାରଣାରେ ବସିଛନ୍ତି।


ଖୁଣ୍ଟୁଣୀ ଥାନା ଛକରେ ଭାଜପା-ବିଜେଡି କର୍ମୀ ହାତାହାତି ହେଉଛନ୍ତି।

**ଖୁଣ୍ଟୁଣୀ, ୧୪।୫ (ସଚ୍ଚିଦାନନ୍ଦ ପଣ୍ଡା)**

ରାଜ୍ୟରେ ୩ ପର୍ଯ୍ୟାୟ ନିର୍ବାଚନକୁ ଆଉ ମାତ୍ର ୧୧ ଦିନ ବାକି ଥିବାବେଳେ ଖୁଣ୍ଟୁଣୀରେ ନିର୍ବାଚନୀ ଗୋଷ୍ଠୀ ସଂଘର୍ଷ ଦେଖିବାକୁ ମିଳିଛି। ଭାଜପା ସମର୍ଥକଙ୍କୁ ଶାସକ ଦଳର କେତେଜଣ ଆକ୍ରମଣ କରିବା ଘଟଣାର ପ୍ରତିବାଦରେ ଖୁଣ୍ଟୁଣୀ ଥାନା ଆଗରେ ଭାଜପା ବିଧାୟକ ପ୍ରାର୍ଥୀ ଓ ଅନ୍ୟମାନେ ଧାରଣା ଦେଇଥିବାବେଳେ ଅପରଗୋଷ୍ଠୀ ସହ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ଉପସ୍ଥିତ ପୋଲିସ ଅଧିକାରୀଙ୍କ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ପ୍ରକାଶ ଯେ, ମଙ୍ଗଳବାର ପୂର୍ବାହ୍ନରେ ଖୁଣ୍ଟୁଣୀ ଥାନା ଅନନ୍ତପୁର ଗ୍ରାମରେ ଭାଜପାର ବିଧାୟକ ପ୍ରାର୍ଥୀ ଅଭୟ ବାରିକ ଏକ ଶୋଭାଯାତ୍ରାରେ ଯାଉଥିଲେ। ଏହି ସମୟରେ ଶାସକ ଦଳର କେତେଜଣ ସମର୍ଥକ ଗଣ୍ଡଗୋଳ କରିବା ସହ ଅଭୟଙ୍କ ରାଲିରେ ଯାଇଥିବା ଅନନ୍ତପୁର ଗ୍ରାମର କେତେକ ଲୋକଙ୍କ ଘରେ ପଶି ମାଡ଼ ମାରିଥିଲେ। ଏହାର ପ୍ରତିବାଦରେ ସନ୍ଧ୍ୟାରେ

### ଥାନା ଆଗରେ ଭାଜପା-ବିଜେଡି କର୍ମୀ ହାତାହାତି



ଭାଜପା ପ୍ରାର୍ଥୀ ବାରିକ ଓ ଭାଜପା ଜିଲା ସଭାପତି ରାମନାରାୟଣ ମହାନ୍ତିଙ୍କ ସମେତ ଶତାଧିକ ସମର୍ଥକ ଖୁଣ୍ଟୁଣୀ ଥାନାରେ ପହଞ୍ଚି ଗଣ୍ଡଗୋଳକାରୀଙ୍କୁ ଗିରଫ ଏବଂ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆଙ୍କୁ ତୁରନ୍ତ ବଦଳି ଦାବିରେ ଥାନା ଆଗରେ ଧାରଣାରେ ବସିଥିଲେ। ଏପରି କି ଗତ କିଛିଦିନ ତଳେ ଭାଜପା ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବ ସର୍ପେଶ୍ୱରଙ୍କୁ ଦର୍ଶନ କରିବାକୁ ଆସିଥିବାବେଳେ ଶାସକଦଳର ଉପରୋକ୍ତ ସମର୍ଥକମାନେ ପୋଲିସ ଉପସ୍ଥିତିରେ ଗଣ୍ଡଗୋଳ କରିଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିବା ଅଭୟ ଅଭିଯୋଗ କରିଛନ୍ତି। ଥାନା ସମ୍ମୁଖରେ ଧାରଣା ଖବର ଶୁଣି କଟକ ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଗୁରୁଡ଼ି ଝାଟିଆ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ପ୍ରମୁଖ ଫୋର୍ସ ସହ ଥାନାରେ ପହଞ୍ଚିଥିଲେ। ରାତି ୯ଟାରେ ଅତିରିକ୍ତ ଏସ୍‌ପି ବରାଳ ଗଣ୍ଡଗୋଳକାରୀଙ୍କୁ ଦୁଇଦିନ ମଧ୍ୟରେ ଗିରଫ କରାଯିବା ସହିତ ଆଇଆଇସି ଖୁଣ୍ଟିଆଙ୍କ ବଦଳି ପାଇଁ ଉଚ୍ଚ ପୋଲିସ ଅଧିକାରୀଙ୍କ ସହିତ ଆଲୋଚନା ହୋଇଥିବା ଘୋଷଣା କରିଥିଲେ। ଏହାପରେ ଧାରଣାରତ ଭାଜପା ପ୍ରାର୍ଥୀ ବାରିକ ଓ ତାଙ୍କ ସମର୍ଥକମାନେ ଥାନା ବାହାରକୁ ବାହାରୁଥିବାବେଳେ ହଠାତ ଘଣ୍ଟିଖାଲ ପଟୁ ପ୍ରାୟ ଶତାଧିକ ଲୋକ ହାତରେ ଠେଙ୍ଗା ଧରି ଭାଜପା କର୍ମୀଙ୍କ ଉପରେ ଆକ୍ରମଣ ପାଇଁ ମାଡି ଆସୁଥିବା ଦେଖାଯାଇଥିଲା। ଏପରି କି ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ ଓ ଟେକାପଥର ମାଡ଼ ଆରମ୍ଭ ହୋଇଥିଲା। ଅତିରିକ୍ତ ଏସ୍‌ପି ବରାଳ ଓ ଏସ୍‌ଡିପିଓ ନାୟକ ଉଭୟ ଦଳର କର୍ମୀଙ୍କୁ ବୁଝାଇ ଏକ ବଡ ଧରଣର ଗଣ୍ଡଗୋଳକୁ ଏଡାଇ ଦେଇଥିଲେ। ଏଥିରେ ଦୁଇ ତିନିଜଣ ସାମାନ୍ୟ ଆହତ ଏବଂ ୪ଟି ବାଇକ ଭାଙ୍ଗିଥିବା ପୋଲିସ ନିକଟରେ ଅଭିଯୋଗ ହୋଇଛି। ଅପରପକ୍ଷେ ଅନନ୍ତପୁର ଓ ଘଣ୍ଟିଖାଲ ଅଞ୍ଚଳର କେତେଜଣ ଲୋକ ସେମାନଙ୍କ ୬/୭ ଜଣ ସମର୍ଥକଙ୍କୁ ଭାଜପା କର୍ମୀମାନେ ମାଡ଼ ମାରିଥିବା ଘଣ୍ଟିଖାଲ ଫାଣ୍ଡିରେ ପାଲଟା ଅଭିଯୋଗ କରି ଫାଣ୍ଡି ଆଗରେ ଧାରଣା ଦେବା ସହ ନାରାବାଜି ଦେଇଥିଲେ। ପୋଲିସ ତୁରନ୍ତ ପହଞ୍ଚି ସେମାନଙ୍କୁ ଉଠାଇ ଦେଇଥିଲା। ଭାଜପା ପକ୍ଷରୁ ଧାରଣାରେ ଅଭୟ ଓ ରାମନାରାୟଣଙ୍କ ସହିତ ଆଇନଜୀବୀ ଜଗଦାନନ୍ଦ ତ୍ରିପାଠୀ, ନୂତନ ରାଉତ, ଉମେଶ ସାମଲ, ତପନ ଲେଙ୍କା, ସନ୍ତୋଷ ବେହେରା, ପରେଶ ସାହୁ, ତପନ ପ୍ରଧାନ, ରୀନା ସାହୁ ଓ ରବିନ ମିଶ୍ର ଧାରଣାରେ ବସିଥିଲେ। ଅତିରିକ୍ତ ଏସ୍‌ପି ବରାଳ କହିଛନ୍ତି ସମସ୍ତ ଘଟଣାର ତଦନ୍ତ କରାଯାଇ ଦୋଷୀ ଯିଏ ହେଉନା କାହିଁକି ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଜୋକିଲଦଳ, ଆଦର୍ଶ ବିଦ୍ୟାଳୟର ସିବିଏସଇ ଦଶମରେ ସଫଳତା

**ବାଙ୍କୀ ୧୪।୫ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ବ୍ଲକ ଜୋକିଲଦଳସ୍ଥିତ ଆଦର୍ଶ ବିଦ୍ୟାଳୟରେ ଚଳିତ ବର୍ଷ ସିବିଏସଇ ୧୦ମ ପରୀକ୍ଷାରେ ୭୫ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୪ଜଣ ସଫଳତା ହାସଲକରିଛନ୍ତି। ଏଠାରେ ସଫଳତା ହାର ୮୬ପ୍ରତିଶତ ଥିବାବେଳେ ଏ-୧ରେ ୯, ଏ-୨ରେ ୧୫, ବି-୧ରେ ୧୩,ବି-୨ରେ ୧୩ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ବିଦ୍ୟାଳୟର ଛାତ୍ର ଓମ କ୍ରୀଷ୍ଣା ପ୍ରହରାଜ ୯୮.୮ %ରଖି ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ବେଳେ ସ୍ୱାଗତିକା ସ୍ୱାଇଁ ୯୬.୪% ରଖି ଦ୍ୱିତୀୟସ୍ଥାନ ଅଧିକାର କରିଛନ୍ତି ବୋଲି ବିଦ୍ୟାଳୟର ଅଧକ୍ଷ ଭବାନୀ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି।



ନୂଆଦିଲ୍ଲୀଠାରେ ଆୟୋଜିତ ୧୬ତମ ଶିଶୁ ପ୍ରତିଭା ସମ୍ମାନରେ ସର୍ବକନିଷ୍ଠ ବିଜେତା ଭାବେ କଟକର ଆୟାଂଶ ରଥ(ବୟସ ୧ବର୍ଷ ୮ମାସ)ଙ୍କୁ ସୁପର-୩୦ର ପ୍ରତିଷ୍ଠାତା ଆନନ୍ଦ କୁମାର ପୁରସ୍କୃତ କରୁଛନ୍ତି। ନିକଟରେ ଅଛନ୍ତି ଆୟାଂଶଙ୍କ ମା' ସୁନିତା ମିଶ୍ର ଏବଂ ବାପା ଉମାକାନ୍ତ ରଥ।

## କମ୍ୟୁନିଷ୍ଟ ବିଧାୟିକା ପ୍ରାର୍ଥୀଙ୍କ ପ୍ରଚାର


ବିଧାୟକ ପ୍ରାର୍ଥୀ ମାଳବିକା ସାମଲ ପ୍ରଚାର କରୁଛନ୍ତି।

**ବାଙ୍କୀ, ୧୪।୫ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ନିର୍ବାଚନମଣ୍ଡଳୀ ପାଇଁ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପକ୍ଷରୁ ନିର୍ବାଚନ ଲଢୁଥିବା ମାଳବିକା ସାମଲ ଓ ତାଙ୍କର ସହଯୋଗୀମାନେ ବାଙ୍କୀରେ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅବସରରେ ସେ ମାଦକଦ୍ରବ୍ୟ ପ୍ରସାର ବନ୍ଦ କରିବା, ବିଶୁଦ୍ଧ ପାନୀୟ ଜଳଯୋଗାଣ, ନିର୍ମାଣ ଶ୍ରମିକ, ଛାତ୍ର ଓ ଯୁବକମାନଙ୍କୁ ସମସ୍ୟା ସମାଧାନ ପାଇଁ ଆହ୍ୱାନ ଦେଇଥିଲେ। ତାଙ୍କ ସହ ପ୍ରଚାରରେ ନମିତା ବେହେରା, କୁନି ଓଝା, ଶ୍ରଦ୍ଧାଞ୍ଜଳି ପାତ୍ର, ଶୁଭସ୍ମିତା ଦଳେଇ, ଭାଗ୍ୟଶ୍ରୀ ପ୍ରଧାନ ପମ୍ରଖ ସହଯୋଗ କରିଥିଲେ।

## ଗାଡ଼ି ଭାଙ୍ଗିଲେ, ୨ ଜଣଙ୍କୁ ଆକ୍ରମଣ କଲେ

**ଚୌଦ୍ୱାର, ୧୪।୫ (ଆଶୁତୋଷ ଦାସ)**

**ଯୁବକଙ୍କ ଉନ୍ମତ୍ତ କାଣ୍ଡ**

ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଏକ ପ୍ରସଙ୍ଗକୁ ନେଇ ସୋମବାର ବିଳମ୍ବିତ ରାତିରେ ଜନୈକ ଯୁବକଙ୍କ ଉନ୍ମତ୍ତ କାଣ୍ଡ ଘଟାଇଥିବା ନିଆଳି ଥାନାରେ ଅଭିଯୋଗ ହୋଇଛି। ଯୁବକ ଜଣଙ୍କ ବିଳମ୍ବିତ ରାତିରେ କେତେଜଣ ସହଯୋଗୀଙ୍କ ସହାୟତାରେ ଗୋଟିଏ ପରିବାରର ୨ଜଣଙ୍କୁ ମାଡ ମାରି ଆହତ କରିବା ସହିତ କିଛି ୨ଚକିଆ ଯାନକୁ ଫିଙ୍ଗାଫୋପଡା କରିବା ଓ ଏକ ଟାଟା ଏସିଇ ଗାଡିର କାଚ ଭାଙ୍ଗି ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଚୌଦ୍ୱାର ଥାନା ଅଧୀନ ମୁଣ୍ଡମାଳ ଗ୍ରାମର ସନତ୍ କୁମାର ପଣ୍ଡା ନାମକ ଯୁବକ ହିନ୍ଦୁତ୍ୱ ଓ ହିନ୍ଦୁ ରାଷ୍ଟ୍ର ସମ୍ପର୍କରେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଥିଲେ। ଏହାକୁ ନେଇ ଚୌଦ୍ୱାର ସୁଲତାନ୍ ନଗରର ଜଣେ ଯୁବକ ଓ ତାଙ୍କର ସହଯୋଗୀ ଉତ୍‌କ୍ଷିପ୍ତ ହୋଇ ସୋମବାର ରାତିରେ ସନତ୍ ବସାଉଠା କରୁଥିବା ମୁଣ୍ଡମାଳର ଜୟ ଜଗନ୍ନାଥ ସର୍ଭିସିଂ ସେଣ୍ଟରରେ ପହଞ୍ଚି ତାଙ୍କୁ ଖୋଜିଥିଲେ। ସେଠାରେ ନ ପାଇବାରୁ ସର୍ଭିସିଂ ସେଣ୍ଟର ମାଲିକ ପ୍ରଭାତ ଓ ତାଙ୍କ ଭାଇ ପ୍ରକାଶଙ୍କୁ ଆକ୍ରମଣ କରିଥିଲେ। ଏଥିରେ ପ୍ରଭାତ ଗୁରୁତର ହୋଇଥିଲେ। ଏଥିସହ ସର୍ଭିସିଂ ସେଣ୍ଟରରେ ଥିବା ଗାଡିଗୁଡିକୁ ଭଙ୍ଗାରୁଜା କରିବା ସହିତ ସମ୍ପୃକ୍ତ ଯୁବକ ଫାଙ୍କା ଗୁଳି ଚାଳନା କରିଥିଲେ। ପ୍ରଥମଥର ପାଇଁ ଚୌଦ୍ୱାରରେ ସାମ୍ପ୍ରଦାୟିକ ଓ ଧର୍ମକୁ ନେଇ ଏଭଳି ଗଣ୍ଡଗୋଳ ଘଟିଥିବା ଜଣାପଡିଛି। ଏନେଇ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବାଙ୍କୀ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ଆଶୀର୍ବାଦ ଯାତ୍ରା

**ବାଙ୍କୀ ୧୪।୫ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ପଞ୍ଚାୟତରେ ବାଙ୍କୀ ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଆଶୀର୍ବାଦ ଶୋଭାଯାତ୍ରା କରୁଛନ୍ତି। ସେ ଘରକୁ ଘର ବୁଲି ଲୋକମାନଙ୍କର ଭଲମନ୍ଦ ବୁଝିବା ସହ ତାହାର କିପରି ସମାଧାନ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଏଥିସହ ଶଙ୍ଖ ଚିହ୍ନରେ ଭୋଟ୍ ଦେବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଜୋନ ଜିଲାପରିଷଦ ସଦସ୍ୟା ମିନତୀ ମହାପାତ୍ର, ସମିତି ସଭ୍ୟ ଶ୍ରୀକାନ୍ତ ଦାସ, ସରପଞ୍ଚଙ୍କ ପ୍ରତିନିଧି ଲଳିତ ମହାପାତ୍ର, ଡମପଡ଼ା ବ୍ଲକ ଯୁବବିଜେଡି ସଭାପତି ଭାଗୀରଥି ପାଣି, ଉପନଗରପାଳ ସନ୍ତୋଷ କୁମର ରଣା, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା ପ୍ରମୁଖ ଯୋଗଦେଇଥିଲେ।

## କଳାପଥର ଗୋଲେଇ ଛକରେ ଆଣ୍ଠୁଏ ଉଚ୍ଚର ପାଣି

### ଯାତାୟାତରେ ଅସୁବିଧା ଭୋଗୁଛନ୍ତି ଲୋକେ

**ବାଙ୍କୀ, ୧୪।୫ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**


ପୂର୍ତ୍ତ ବିଭାଗ ରାସ୍ତା କଳାପଥର ଗୋଲେଇ ଛକରେ ପାଣି ଜମିଛି।

ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦେଶ୍ୱର ପୂର୍ତ୍ତ ବିଭାଗ ରାସ୍ତା କଳାପଥର ଗୋଲେଇ ଛକ ଜଳାର୍ଣ୍ଣବ ହୋଇଯାଇଛି। କାଳବୈଶାଖୀଜନିତ ବର୍ଷା ଯୋଗୁ ଗୋଲେଇ ଛକଠାରେ ବାଘମାରୀ-କଳାପଥର ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ଏହି ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା ପାଲଟିଯାଇଛି। ଏହି ପୂର୍ତ୍ତ ବିଭାଗ ରାସ୍ତାଟି ପ୍ରଶସ୍ତୀକରଣ ହୋଇ ପ୍ରାୟ ଶତକଡା ୯୦ଭାଗ ଶେଷ ହୋଇଥିବା ବେଳେ କଳାପଥର ଦମକଳ କେନ୍ଦ୍ରଠାରୁ ଗୋଲେଇ ଛକ ୧କି.ମି. ରାସ୍ତା ଅଧାପନ୍ତରିଆ ହୋଇ ପଡିରହିଛି। ଅପରପକ୍ଷେ ଠିକାଦାର ଛାଡି ପଳାଇଛି। ରାଜ୍ୟ ରାଜପଥରୁ ପୂର୍ତ୍ତ ବିଭାଗ ରାସ୍ତା ଗୋଟିଏ ପଟ କଂକ୍ରିଟ କରାଯାଇଥିବା ବେଳେ ଅପରପଟ ରାସ୍ତାଟି ଅନେକ ମାସ ହେବ ମୁକୁଳା ହୋଇପଡ଼ିଛି। ଡ୍ରେନ୍ ସୁବିଧା ନ ଥିବାରୁ ରାସ୍ତା ସାରା ବର୍ଷାପାଣି ଜମି ରହି ଗମନାଗମନରେ ଅସୁବିଧା ହେଉଛି। ବିଶେଷ କରି ଚାଲି ଯାଉଥିବା ମହିଳା, ଶିଶୁ, ବୟସ୍କ ବ୍ୟକ୍ତି ଓ ଦିବ୍ୟାଙ୍ଗମାନେ ନାହିଁ ନ ଥିବା ଅସୁବିଧାର ଭୋଗୁଛନ୍ତି। ଏହି ରାସ୍ତା ପାର୍ଶ୍ୱରେ ଥିବା ନାଳକୁ ସ୍ଥାନୀୟ ଅଞ୍ଚଳର କେତଜଣ ବ୍ୟକ୍ତି ଜବରଦଖଲ କର ରଖିଛନ୍ତି। ଫଳରେ ବର୍ଷା ଜଳ ରାସ୍ତା ଉପରେ ପ୍ରବାହିତ ହେଉଛି। ଏଥିଯୋଗୁ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତାରେ ବର୍ଷାଜଳ ବହୁଦିନ ଧରି ଜମା ହୋଇ ରହିବା ଫଳରେ ଦୁର୍ଗନ୍ଧ ହୋଇ ପରିବେଶ ଦୂଷିତ ହେଉଛି। ଆଗକୁ ବର୍ଷା ଋତୁ ଆସୁଥିବା ବେଳେ ଠିକାଦାର ଯଥାଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା କରିବାକୁ ସାଧାରଣ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ବାଙ୍କୀ ପୂର୍ତ୍ତ ବଭାଗର ସହକାରୀ ଯନ୍ତ୍ରୀ ବିନୟ କୁମାର ପଣ୍ଡା କହିଛନ୍ତି, ରାସ୍ତାର ଉଭୟ ପାର୍ଶ୍ୱକୁ ଲୋକମାନେ ଜବରଦଖଲ କରିଥିବାରୁ ଜଳ ନିଷ୍କାସନରେ ବାଧା ଉପୁଜିଛି। ତଥାପି ଠିକା ସଂସ୍ଥା ଖୁବଶୀଘ୍ର କିପରି କାମ କରିବ ସେଥିପାଇଁ ବ୍ୟବସ୍ଥା କରାଯିବ ବୋଲି ସେ ପ୍ରକାଶ କରିଥିଲେ।

## ଦେବଦମ୍ପତିଙ୍କ ବିବାହ ଉତ୍ସବ ପ୍ରସ୍ତୁତି ବୈଠକ

**ଖୁଣ୍ଟୁଣୀ, ୧୪।୫ (ସଚ୍ଚିଦାନନ୍ଦ ପଣ୍ଡା)**

ଆସନ୍ତା ଜୁନ୍ ୧୦ରେ ହର-ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଖୁଣ୍ଟୁଣୀ-ରଙ୍ଗେଇ ଗ୍ରାମର ଆରାଧ୍ୟ ବାବା ବାଲୁଙ୍କେଶ୍ୱର ଓ ମା' ପାର୍ବତୀଙ୍କର ବିବାହ ଉତ୍ସବକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ମଙ୍ଗଳବାର ଖୁଣ୍ଟୁଣୀ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଟ୍ରଷ୍ଟି କିଶୋର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସଦସ୍ୟ ସଚ୍ଚିଦାନନ୍ଦ ପଣ୍ଡା, ବିପିନି ବିହାରୀ ପ୍ରଧାନ, ବିଜୟ କୁମାର ସାହୁ, ଗୋବିନ୍ଦ ଚନ୍ଦ୍ର ବେହେରା, ସୁଧୀର କୁମାର ଦାଶ, ବିକାଶ ସାହୁ, ପ୍ରିୟବ୍ରତ ପାତ୍ର, ଚକ୍ରଧର ସାହୁ, ସଞ୍ଜୟ କୁମାର ବେହେରା, ଦିଲୀପ କୁମାର ରାଉଳ, କୁନା ବିଶ୍ୱାଳ ପ୍ରମୁଖ ଯୋଗଦେଇ ହର-ପାର୍ବତୀଙ୍କ ବିବାହ ଉତ୍ସବକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଗ୍ରାମବାସୀଙ୍କ ସହଯୋଗ ଲୋଡିଥିଲେ। ଉକ୍ତ ଦିନ ବାଲୁଙ୍କେଶ୍ୱରଙ୍କ ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ବିମାନ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଓ ବଜାର ପରିକ୍ରମା କରାଯିବ। ଏଥିସହ ବିବାହ ମଣ୍ଡପ ନିର୍ମାଣ, କନ୍ୟା ଓ ବର ପିତାଙ୍କ ସମ୍ପର୍କୀୟଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଚଳିତବର୍ଷ କନ୍ୟାପିତା ଭାବେ ରୋହିତ କୁମାର ମୁଦୁଲି ଓ ବରପିତା ଭାବେ ବିଜୟ କୁମାର ସାହୁ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପାଦନ କରିବେ ବୋଲି ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।


**Format C-1**

**Declaration about Criminal Cases**

(As per the judgement dated 25 September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and address of Candidate : **Kalu Charan Khandaitaray**
Name of Political Party : **Independent**
(Independent Candidates should write "Independent" here)
Name of Election : **Assembly Election**
Name of Constituency : **117 - Khordha**

I, **Kalu Charan Khandaitaray** (name of candidate), a candidate for the above mentioned election; declare for public information the following details about any criminal antecedents:

**(A) Pending Criminal Cases:**

| Sl. No. | Name of Court | Case No. and Dated | Status of Case(s) | Section(s) of Acts concerned and brief description of offence(s) |
|---|---|---|---|---|
| 01 | Women's Court, Khordha | GR No. 840/2002 | Pending | U/s- 147, 148, 323, 354, 379, 380, 427, 452, 50 C/149 |

**(B) Details about Cases of Conviction for Criminal offence:**

| Sl. No. | Name of Court & Date(s) of Order(s) | Description of Office(s) & Punishment Imposed | Maximum Punishment Imposed |
|---|---|---|---|
| 1 | Nil | Rioting & Social Disorder | Nil |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

**Sd./- Kalu Charan Khandaitaray**



**ଫର୍ମ ନଂ. ଏନ୍‌ସିଏଲ୍‌ଟି. ୩ଏ**

**ପିଟିସନ ବାବଦୀୟ ବିଜ୍ଞାପନ**

**[ନିୟମ ୩୫ ଦେଖନ୍ତୁ]**

**ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧୀକରଣ କଟକସ୍ଥିତ କଟକ ଖଣ୍ଡପୀଠରେ**

**CP (CAA) No.5/CB/2024**
**Connected with CA (CAA) No. 2/CB/2024**

ମାମଲା: କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ
ଏବଂ
ମାମଲା: ଉକ୍ତ ଅଧିନିୟମର ଧାରା ୨୩୦ରୁ ୨୩୨ ଅଧୀନରେ;
ଏବଂ
ମାମଲା: କମ୍ପାନୀ (ବୁଝାମଣା, ବନ୍ଦୋବସ୍ତ ଏବଂ ମିଶ୍ରଣ) ନିୟମାବଳୀ, ୨୦୧୬ ତଥା ଅନ୍ୟାନ୍ୟ ନିୟମାବଳୀ ଅଧୀନରେ;
ଏବଂ
ମାମଲା: ସୂର୍ଯ୍ୟୋ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U45201OR2008PTC010209**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ଦିନଲିପି ଭବନ, ଏ-୫୪/୧ ଏବଂ ଏ-୫୫/୧, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।
................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୧
ଏବଂ
ମାମଲା: ସୂର୍ଯ୍ୟୋ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U67120OR1995PTC003978**, କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।
................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୨
ଏବଂ
ମାମଲା: ସୂର୍ଯ୍ୟୋ ପେପର୍ସ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U21099OR1986PTC001735**, କମ୍ପାନୀ ଅଧିନିୟମ ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।
................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୩
ଏବଂ
ମାମଲା: ସୂର୍ଯ୍ୟୋ ଇନ୍‌ଭେଷ୍ଟମେଣ୍ଟସ ଆଣ୍ଡ ଟ୍ରାନ୍ସପୋର୍ଟ ଲିମିଟେଡ୍: ସିଆଇଏନ୍: **U67120OR1984PLC001307**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।
................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୪
ସହିତ
ମାମଲା: ସୂର୍ଯ୍ୟୋ ଉଦ୍ୟୋଗ ଲିମିଟେଡ୍, ସିଆଇଏନ୍: **U24119OR1978PLC000785**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।
................ ଆବେଦକ ହସ୍ତାନ୍ତରଗ୍ରାହୀ କମ୍ପାନୀ
(ଏତଦ୍‌ପଶ୍ଚାତ୍ ମିଳିତ ଭାବେ "ଆବେଦକ କମ୍ପାନୀ ଭାବେ ଉଲ୍ଲିଖିତ")

**ପିଟିସନ ନୋଟିସ**

ଉପରନାମିତ ଆବେଦକମାନଙ୍କ ଦ୍ୱାରା କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୩୦ ଓ ୨୩୨ ଅଧୀନରେ ସୂର୍ଯ୍ୟୋ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ପେପର୍ସ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ଇନ୍‌ଭେଷ୍ଟମେଣ୍ଟସ ଆଣ୍ଡ ଟ୍ରାନ୍ସପୋର୍ଟ ଲିମିଟେଡ୍ (ଆବେଦକ ହସ୍ତାନ୍ତରକାରୀ କମ୍ପାନୀ) ଏବଂ ସୂର୍ଯ୍ୟୋ ଉଦ୍ୟୋଗ ଲିମିଟେଡ୍ (ଆବେଦକ ହସ୍ତାନ୍ତରଗ୍ରାହୀ କମ୍ପାନୀ)ର ମିଶ୍ରଣ ଯୋଜନାର ମଞ୍ଜୁରୀ ପାଇଁ ଏକ ଆବେଦନ (ପିଟିସନ) ଉପରନାମିତ ଆବେଦକମାନଙ୍କ ଦ୍ୱାରା ୮ ମେ, ୨୦୨୪ ଦିନ ଉପସ୍ଥାପିତ କରାଯାଇଥିଲା ଏବଂ ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧୀକରଣ, କଟକ ଖଣ୍ଡପୀଠଙ୍କ ନିକଟରେ ଉପରୋକ୍ତ ଆବେଦନର ଶୁଣାଣି ୫ ଜୁନ୍, ୨୦୨୪ ଦିନ ଅନୁଷ୍ଠିତ ହେବା ଲାଗି ସ୍ଥିର ହୋଇଛି। କଥିତ ଆବେଦନ (ପିଟିସନ) ସପକ୍ଷ କିମ୍ବା ବିରୋଧରେ ନିଜର ମତାମତ ଦାଖଲ କରିବା ପାଇଁ ଇଚ୍ଛୁକ ଯେକୌଣସି ବ୍ୟକ୍ତି ନିଜର ଅଭିପ୍ରାୟ ନୋଟିସକୁ ନିଜର କିମ୍ବା ନିଜର ଓକିଲଙ୍କ ଦସ୍ତଖତ ଓ ନିଜର ନାମ ଓ ଠିକଣା ସହିତ ଏପରି ଭାବେ ପଠାଇବେ ଯାହା ଆବେଦକଙ୍କ ଓକିଲଙ୍କ ନିକଟକୁ ପିଟିସନ ଶୁଣାଣି ଲାଗି ସ୍ଥିର ହୋଇଥିବା ଦିବସର ଦୁଇ ଦିନ ପୂର୍ବରୁ ପ୍ରାପ୍ତ ହେବ। ଯଦି କୌଣସି ବ୍ୟକ୍ତି ଆବେଦନ (ପିଟିସନ)କୁ ବିରୋଧ କରୁଥାନ୍ତି, ତେବେ ନୋଟିସ ସହିତ ଆପତ୍ତିର କାରଣ କିମ୍ବା ତାଙ୍କର ସତ୍ୟପାଠ ସଂଲଗ୍ନ କରାଯିବା ଜରୁରୀ ଅଟେ। ଏହି ପିଟିସନର ନକଲ ହାସଲ କରିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କୁ ତାହା ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ସେଥି ନିମନ୍ତେ ନିର୍ଦ୍ଧାରିତ ଶୁଳ୍କର ପରିଶୋଧ ପରେ ଯୋଗାଇଦିଆଯିବ।

ସ୍ୱା./- ଶାଶ୍ୱତ କୁମାର ରାଉତ
(ଆବେଦକଙ୍କ ଓକିଲ)
ପ୍ଲଟ୍ ନଂ. ୬୮୭, କେ-୩ବି, କଳିଙ୍ଗ ନଗର
ଘାଟିକିଆ, ଭୁବନେଶ୍ୱର-୭୫୧୦୨୯

ତାରିଖ: ୧୪।୦୫।୨୦୨୪
ସ୍ଥାନ: ଭୁବନେଶ୍ୱର

**ସଂକ୍ଷେପରେ**

## ଏକତରଫା ପ୍ରେମ କରି ବନ୍ଧାହେଲେ ଯୁବକ

**ବାରଙ୍ଗ,୧୪।୫(ଲିଙ୍ଗରାଜ ରାଉତ)**

ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରି ହଇରାଣ ହରକତ କରୁଥିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ଜଣେ ଯୁବକଙ୍କୁ ମଙ୍ଗଳବାର ଗିରଫ କରିଛି। ଗିରଫ ଯୁବକ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳର ଅଶୋକ ରାଉତ (୩୩)। ପୋଲିସ ଏନେଇ ୨୦୭/୨୪ରେ ଏକ ମାମଲା ରୁଜୁ କରି ବୁଧବାର କୋର୍ଟଚାଲାଣ କରିବ ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ଅଶୋକ ମଧୁପୁର ଗ୍ରାମରେ ଭଡ଼ା ଘରେ ରହୁଥିବାବେଳେ ବାରଙ୍ଗ ତ୍ରିଶୂଳିଆ ଛକସ୍ଥିତ ଏକ ଘରୋଇ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ଜନୈକା ଯୁବତୀଙ୍କୁ ଦୀର୍ଘ ୬ ମାସ ଧରି ହଇରାଣ ହରକତ କରି ଆସୁଥିଲେ। ଏକତରଫା ପ୍ରେମ କରି ଯୁବତୀଙ୍କ ମୋବାଇଲକୁ ଖରାପ ମେସେଜ ଦେବା ଓ ରାସ୍ତାଘାଟରେ ଅଟକାଇ ପ୍ରେମ ନିବେଦନ କରିଆସୁଥିଲେ। ସୋମବାର ସନ୍ଧ୍ୟାରେ ଯୁବତୀ ନିଜ ଗାଡ଼ିଯୋଗେ ଘରକୁ ଫେରୁଥିବାବେଳେ ଅଶୋକ ତାଙ୍କୁ ଅଟକାଇ ଭଲପାଇବାକୁ ବାଧ କରିଥିଲେ। ଅଶୋକଙ୍କ ଏଭଳି ଆଚରଣକୁ ସହ୍ୟ କରି ନ ପାରି ମଙ୍ଗଳବାର ବାରଙ୍ଗ ଥାନାରେ ଯୁବତୀ ଜଣଙ୍କ ଅଭିଯୋଗ କରିଛନ୍ତି।

## ପଡ଼ୋଶୀଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୪।୫ (ସୂର୍ଯ୍ୟକାନ୍ତ ବେହେରା)**

ବେଆଇନ ମଦ ବେପାର କାରବାରକୁ ବିରୋଧ କରିବାରୁ ପଡ଼ୋଶୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ନିର ଦାସ ଓରଫ ଟିମା। ସୂଚନାନୁଯାୟୀ, ଅଭିଯୋଗକାରୀ ରାଜକିଶୋର ଶର୍ମା ତାଙ୍କ ପରିବାର ସହିତ ଭରତପୁର ସତ୍ୟନଗର ଅଞ୍ଚଳରେ ରହୁଥିବାବେଳେ ଟିମାଙ୍କ ଘର ତାଙ୍କ ଘରକୁ ଲାଗିରହିଛି। ଟିମା ବେଆଇନ ଭାବେ ଦୀର୍ଘଦିନ ହେବ ତାଙ୍କ ଘର ନିକଟରେ ମଦ ବ୍ୟବସାୟ କରିଆସୁଥିଲେ। ଫଳରେ ନିଶାଡ଼ିମାନେ ସେଠାରେ ମଦ୍ୟପାନ କରି ଅପ୍ରୀତିକର ପରିବେଶ ସୃଷ୍ଟି କରୁଥିଲେ। ଏ ନେଇ ରାଜକିଶୋର ମଦ ବିକ୍ରିକୁ ବିରୋଧ କରିବାରୁ ଟିମା ଉତ୍ତ୍ୟକ୍ତ ହୋଇ ଗୋଟିଏ ଇଟାରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ରାଜକିଶୋର ଆହତ ହୋଇଥିଲେ। ଏନେଇ ସେ ଭରତପୁର ଥାନାରେ ଅଭିଯୋଗ କରିଥିଲେ।

# ଶଙ୍ଖ ଚିହ୍ନକୁ ଭୋଟ ଦେଇ ଯୋଜନା ବଞ୍ଚାଆନ୍ତୁ: ପାଣ୍ଡିଆନ



**କଟକ,୧୪।୫(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ପୋତାପୋଖରୀସ୍ଥିତ ନେତାଜୀ ଖେଳପଡିଆଠାରେ ବିଜେଡି ପକ୍ଷରୁ ଏକ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକୁ କେତେ ମାର୍ଜିନ ଦେବେ ତାହା ଜନସାଧାରଣ ଜାଣି ସାରିଛନ୍ତି। ବିରୋଧୀ ସରକାର ଗଢ଼ିଲେ ଅନେକ ଯୋଜନା ବନ୍ଦ ହୋଇଯିବ। ତେଣୁ ଶଙ୍ଖ ଚିହ୍ନକୁ ଭୋଟ ଦେଇ ଯୋଜନା ବଞ୍ଚାନ୍ତୁ। କଟକ ଭୋଟ ମାର୍ଜିନରେ ୧/୨ ନମ୍ବର ସ୍ଥାନରେ ଆସିବ ବୋଲି ବିଶ୍ୱାସ ରହିଥିବା ପାଣ୍ଡିଆନ କହିଛନ୍ତି।

ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ଚୌଦ୍ୱାର-କଟକ ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ଯୋଗଦେଇ କହିଛନ୍ତି, କେନ୍ଦ୍ର ସରକାରଙ୍କ ବୈମାତୃକମନୋଭାବ ରାଜ୍ୟବାସୀଙ୍କ ଉପରେ ରହିଛି। କେନ୍ଦ୍ର ସରକାର ଯାହା କାମରେ କରିପାରିନି, ତାହାକୁ ରାଜ୍ୟ ସରକାର କରିଛନ୍ତି। ମୁଖ୍ୟମନ୍ତ୍ରୀ ଚୌଦ୍ୱାରବାସୀଙ୍କ ପାଇଁ ବହୁ ବିକାଶମୂଳକ କାର୍ଯ୍ୟ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ କାମ କରିବେ ବୋଲି ଉଭୟ ପ୍ରାର୍ଥୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କର୍ପୋରେଟର, ୱାର୍ଡ ସଭାପତି, ଯୁବକ, ଛାତ୍ର, ମହିଳା ମୋର୍ଚ୍ଚାର କର୍ମୀ ଉପସ୍ଥିତ ଥିଲେ।

ସଭା ପରେ ମାଛୁଆ ବଜାର ଅଞ୍ଚଳରେ ପାଣ୍ଡିଆନଙ୍କୁ ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ମାଛୁଆ ବଜାର ଏଲ୍‌ଆଇସି କାର୍ଯ୍ୟାଳୟ ସମ୍ମୁଖରୁ ପାଣ୍ଡିଆନ୍‌ଙ୍କ ରୋଡ୍ ଶୋ' ଆରମ୍ଭ ହୋଇଥିଲା। ମଣିସାହୁ ଛକ, ବକ୍ସିବଜାର, ତିନିକୋଣିଆ ବଗିଚା, ଦରଘା ବଜାର, ଗୌରୀଶଙ୍କର ପାର୍କ, ନୟାସଡକ, ବାଲୁବଜାର, ଚାନ୍ଦିନୀଚୌକ, ଶେଖ୍ ବଜାର, ଚଣ୍ଡୀ ଛକ, କନିକା ଛକ, ସେଲ୍‌ଟର ଛକ, ଦେଉଳ ସାହି ଛକ ଦେଇ ବିଡ଼ାନାସୀ ବନ୍ଧ ଛକରେ ରୋଡ୍ ଶୋ' ଶେଷ ହୋଇଥିଲା। ଏହି ରୋଡ୍ ଶୋ' ସମୟରେ କଟକବାସୀଙ୍କୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବା ପାଇଁ ପାଣ୍ଡିଆନ୍ ନିବେଦନ କରିଛନ୍ତି। ଏଥିସହ ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି କେବଳ କଟକବାସୀଙ୍କର ନୁହେଁ, ସମଗ୍ର ରାଜ୍ୟବାସୀଙ୍କର ଅତୁଟ ବିଶ୍ୱାସ ରହିଛି। ବିରୋଧୀମାନେ କେବଳ ଅପପ୍ରଚାର ଚଳାଇଛନ୍ତି। ଏହି ରୋଡ୍ ଶୋ'ରେ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା, ଚୌଦ୍ୱାର-କଟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ, କଟକ ମହାନଗର ନିଗମ(ସିଏମ୍‌ସି)ମେୟର ସୁବାସ ସିଂଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଏହି ରୋଡ୍ ଶୋ' ସମୟରେ ଜୟ ନବୀନ, ଜୟ ଶଙ୍ଖ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସହର।

### ସହାୟତା ଲୋଡ଼ିଲେ ଦିବ୍ୟାଙ୍ଗ ପରିବାର

କଟକର ବିଭିନ୍ନ ସ୍ଥାନରେ ପାଣ୍ଡିଆନ୍ ରୋଡ୍ ଶୋ' କରିଥିଲେ। ମଣିସାହୁ ଛକଠାରେ ଏକ ଦିବ୍ୟାଙ୍ଗ ପରିବାରର ସଦସ୍ୟ ତାଙ୍କୁ ଭେଟି ସହାୟତା ଯୋଗାଇ ଦେବା ପାଇଁ ଲିଖିତ ଆକାରରେ ଜଣାଇଥିଲେ। ରୋଡ୍ ଶୋ'ରେ ସାମିଲ ହୋଇଥିବା ସ୍ୱତନ୍ତ୍ର ପ୍ରଚାର ଗାଡିରୁ ପାଣ୍ଡିଆନ୍ ଓହ୍ଲାଇ ଆସି ଉକ୍ତ ପରିବାରର ସଦସ୍ୟଙ୍କ ସହିତ ଆଲୋଚନା କରି ସମସ୍ତ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ପ୍ରାଦେଶିକ ମେଧା ପରୀକ୍ଷାଫଳ ପ୍ରକାଶିତ



କାର୍ଯ୍ୟକ୍ରମରେ ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରାଯାଉଛି।

**ଭୁବନେଶ୍ୱର,୧୪।୫ (ଅନୁରାଧା ମହାରଣା)**

ଓଡ଼ିଶାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଗୁଡ଼ିକୁ ପରିଚାଳନା କରୁଥିବା ଶିକ୍ଷା ବିକାଶ ସମିତିର ପ୍ରାଦେଶିକ ମେଧା ପରୀକ୍ଷା ଏବଂ ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ତୃତୀୟ, ପଞ୍ଚମ, ସପ୍ତମ ଓ ନବମ ଶ୍ରେଣୀର ଚୟନ ହୋଇଥିବା ୨୨,୫୯୯ ଜଣ ମେଧାବୀ ଛାତ୍ରୀଛାତ୍ର ରାଜ୍ୟସ୍ତରରେ ୧୧୬ଟି ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ପ୍ରାଦେଶିକ ମେଧା ପରୀକ୍ଷାରେ ତୃତୀୟ ଶ୍ରେଣୀରେ ୫୯, ପଞ୍ଚମ ଶ୍ରେଣୀରେ ୫୧, ସପ୍ତମ ଶ୍ରେଣୀରେ ୪୬ ଏବଂ ନବମ ଶ୍ରେଣୀରେ ୩୬ ଜଣଙ୍କୁ ମିଶାଇ ମୋଟ ୧୯୨ ଜଣ ପ୍ରଥମ ୧୦ଟି ସ୍ଥାନରେ ରହିଛନ୍ତି। ସେହିପରି ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ତୃତୀୟ ଶ୍ରେଣୀରେ ୩୨, ପଞ୍ଚମ ଶ୍ରେଣୀରେ ୭୧, ସପ୍ତମ ଶ୍ରେଣୀରେ ୧୧୧ ଏବଂ ନବମ ଶ୍ରେଣୀରେ ୫୧ ଜଣ ଏଭଳି ମୋଟ ୨୬୫ ଜଣ ପ୍ରଥମ ୧୦ଟି ସ୍ଥାନରେ ରହି ସର୍ବକାଳୀନ ରେକର୍ଡ କରିଛନ୍ତି। ୫୦ ପ୍ରତିଶତରୁ ଅଧିକ ନମ୍ବର ରଖି ପ୍ରାଦେଶିକ ମେଧା ପରୀକ୍ଷାରେ ୮୮୦୬ ଜଣ ଏବଂ ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ୨୨୦୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟା ଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସଙ୍ଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ଏହି ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟା ଭାରତୀ, ପୂର୍ବକ୍ଷେତ୍ରର ସଙ୍ଗଠନ ମନ୍ତ୍ରୀ ଦିବାକର ଘୋଷ, ପ୍ରାନ୍ତ ସଙ୍ଗଠନ ସମ୍ପାଦକ ତାରକଦାସ ସରକାର, ପ୍ରାନ୍ତ ନିରୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ, ପ୍ରାନ୍ତ ପରୀକ୍ଷା ସଂଯୋଜକ ମନୋଜ କୁମାର ଦାଶ, ସହପ୍ରାନ୍ତ ପରୀକ୍ଷା ସଂଯୋଜକ ରୁଦ୍ରନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଦଶମ ଓ ଦ୍ୱାଦଶ ପରୀକ୍ଷାରେ ମଦର୍ସ ପବ୍ଲିକ୍ ସ୍କୁଲର ସଫଳତା

**ଭୁବନେଶ୍ୱର,୧୪।୫ (ଅନୁରାଧା ମହାରଣା)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଓ ଦଶମ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଥିବାବେଳେ ଏଥିରେ ମଦର୍ସ ପବ୍ଲିକ୍ ସ୍କୁଲ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ପୁରୀସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲର ଦଶମ ଶ୍ରେଣୀ ଛାତ୍ର ୯୯.୪% ମାର୍କ ସହ ଜିତ୍ ନାରାୟଣ ପୂଜାପଣ୍ଡା ବିଦ୍ୟାଳୟ ତଥା ରାଜ୍ୟରେ ଟପ୍ପର ହୋଇଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବିଦ୍ୟାଳୟର ଛାତ୍ର ଅସ୍ମିତ ମହାନ୍ତି ୯୭.୪% ପ୍ରତିଶତ ରଖିଥିବାବେଳେ ଐଶାନୀ ମିଶ୍ର ୯୭% ମାର୍କ ହାସଲ କରିଛନ୍ତି। ଶ୍ରେଣୀର ମୋଟ ୪୬ ଜଣଙ୍କ ମଧ୍ୟରୁ ୨୨ ଜଣ ୯୦%ରୁ ଅଧିକ ମାର୍କ ରଖିଛନ୍ତି। ସେହିପରି ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲର କ୍ଷୀରାବ୍ଧି ତନୟା ସାମଲ ୯୮.୬% ପ୍ରତିଶତ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସ୍ମୃତି ମହିମା ମିଶ୍ର ୯୮.୨% ଏବଂ ଶୁଭସ୍ମିତା ସାହୁ ୯୮.୨% ମାର୍କ ରଖି ଯୁଗ୍ମ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସିବିଏସ୍‌ଇ ଦ୍ୱାଦଶରେ ଉଭୟ ଭୁବନେଶ୍ୱର ଓ ପୁରୀସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲର ୧୧୫ରୁ ଅଧିକ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଭୁବନେଶ୍ୱର ଶାଖା ବିଜ୍ଞାନ ବିଭାଗରେ ୯୭.୬% ପ୍ରତିଶତ ମାର୍କ ସହ ସ୍ନେହାଶିଷ ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୯୬.୮% ମାର୍କ ସହ ଶୁଭାଂଶୀ ମିଶ୍ର ଦ୍ୱିତୀୟ ଏବଂ ୯୬.୪% ମାର୍କ ସହ ଶାଶ୍ୱତ ମହାନ୍ତ ବିଦ୍ୟାଳୟରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବାଣିଜ୍ୟ ବିଭାଗର ନିଖିଳ ସାହୁ ୯୭.୨% ମାର୍କ ସହ ପ୍ରଥମ ସ୍ଥାନରେ ରହିଥିବାବେଳେ ରୋହିତ ସନ୍ତୁକା ୯୪.୮% ମାର୍କ ସହ ଦ୍ୱିତୀୟ ଏବଂ ୯୩.୬% ମାର୍କ ସହ ଶୁଭମ ନାୟକ ତୃତୀୟ ସ୍ଥାନରେ ରହିଛନ୍ତି। ହ୍ୟୁମାନିଟିଜରେ ଶ୍ରେୟା ଶତରୂପା ସାହୁ ୯୫.୪% ମାର୍କ ରଖି ପ୍ରଥମ, ଦ୍ୱିପାନ୍ୱିତା ମିଶ୍ର ଓ ଶ୍ୱେତା ମହାପାତ୍ର ୯୪.୬% ମାର୍କ ରଖି ଯୁଗ୍ମଭାବେ ଦ୍ୱିତୀୟ ଏବଂ ଆୟୁଷୀ ପାଢ଼ୀ ୯୩.୮ ମାର୍କ ସହ ତୃତୀୟ ସ୍ଥାନରେ ରହିଛନ୍ତି। ପୁରୀ ଶାଖା ବିଜ୍ଞାନ ବିଭାଗରେ ଅନିମେଶ ତ୍ରିପାଠୀ ୯୫%, ପାର୍ଥସାରଥୀ ମୁଦୁଲି ୯୪% ଏବଂ ସଙ୍କେତ ମହାପାତ୍ର ୯୩% ମାର୍କ ରଖିଛନ୍ତି। ବାଣିଜ୍ୟରେ ଅଭିଷେକ ରାଉତ ୮୯% ମାର୍କ ସହ ବିଦ୍ୟାଳୟରେ ପ୍ରଥମ ସ୍ଥାନରେ ରହିଛନ୍ତି।

## 'ରଜତ କର ମହାପ୍ରଭୁଙ୍କ ଅନନ୍ୟ ସେବକ ଥିଲେ'

### ପ୍ରକାଶ କୁମାର ପାଢୀଙ୍କୁ ଶାନ୍ତିଲତା କର ପାରମ୍ପରିକ ଶିଳ୍ପୀ ସମ୍ମାନ



**ଭୁବନେଶ୍ୱର,୧୪।୫(ବନ୍ଦନା ସେଠୀ)**

ପଦ୍ମଶ୍ରୀ ରଜତ କୁମାର କର ଏକାଧାରାରେ ଜଣେ ପ୍ରବୀଣ ବକ୍ତା, ସାହିତ୍ୟିକ, ଲେଖକ, ଇତିହାସ ଗବେଷକ, ନାଟ୍ୟକାର ଏବଂ ଅଭିନେତା ଥିଲେ। ଏଥିସହ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ୧୯୫୯ରୁ ୧୯୬୨ ମସିହା ପର୍ଯ୍ୟନ୍ତ ଧାରାବିବରଣୀ ଦେଇ ନିଜକୁ ମହାପ୍ରଭୁଙ୍କ ଅନନ୍ୟ ସେବକ ଭାବେ ସ୍ଥାପିତ କରିପାରିଥିଲେ ବୋଲି ପୂର୍ବତନ ଏମ୍‌ପି ତଥା ଅଭିନେତା ଡ. ପ୍ରଶାନ୍ତ କୁମାର ନନ୍ଦ ମତ ପ୍ରକାଶ କରିଛନ୍ତି। ମଙ୍ଗଳବାର ୟୁନିଟ-୩ସ୍ଥିତ ବୁଦ୍ଧ ମନ୍ଦିର ସଭା କକ୍ଷରେ ପଦ୍ମଶ୍ରୀ ରଜତ କୁମାର କର ସ୍ମୃତି ସଂସଦ ଦ୍ୱାରା କରଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସ୍ମୃତି ସଭା ଓ ପୁସ୍ତକ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ କରଙ୍କ ଦ୍ୱାରା ରଚିତ ତିନୋଟି ପୁସ୍ତକ 'ନିଷିଦ୍ଧ ନୀଳାଚଳ ନାଟକ', 'ଭଞ୍ଜ ରାମାୟଣ-ବୈଦେହୀଶ ବିଳାସ ସୌରଭ ଆଲୋଚନା' ଏବଂ ଗବେଷଣାତ୍ମକ ଇଂଲିଶ ପୁସ୍ତକ 'ଲର୍ଡ ଜଗନ୍ନାଥ' ଉନ୍ମୋଚିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଉଚ୍ଚ ନ୍ୟାୟାଳୟର ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ ଯୋଗଦେଇ ପିଲାଟିବେଳୁ ସେ କିପରି ସ୍ୱର୍ଗତ କରଙ୍କ ପ୍ରତି ଆକୃଷ୍ଟ ହୋଇ ତାଙ୍କ ଭଳି ଓଡ଼ିଆ ଭାଷାକୁ ଭଲ ପାଇବାକୁ ମନସ୍ଥ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ପଦ୍ମବିଭୂଷଣ ସୁଦର୍ଶନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରଜତ କର ଓଡ଼ିଆ ଜାତିର ନମସ୍ୟ ଏବଂ ତାଙ୍କ ସାହିତ୍ୟ ଜୀବନୀ ଉପରେ ଯୁବପିଢ଼ି ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ସଂସ୍କୃତି ବିଭାଗ ଏନେଇ ବିଚାର କରିବା ଉଚିତ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା ଡ. ସଂଘମିତ୍ରା ମିଶ୍ର ତାଙ୍କର ନାଟ୍ୟ ଜୀବନୀ ଉପରେ ଆଲୋକପାତ କରି କହିଲେ, ଐତିହାସିକ ଚରିତ୍ରମାନଙ୍କ ଉପରେ ନାଟକ ଲେଖି ତାଙ୍କୁ ଜୀବନ୍ତ କରିବାରେ ରଜତ କର ଥିଲେ ଅଦ୍ୱିତୀୟ। ଅନ୍ୟମାନଙ୍କ ମଧ୍ୟରେ ଇଂ ଚନ୍ଦ୍ରଶେଖର ନନ୍ଦ, ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ଶୁଚିସ୍ମିତ ମନ୍ତ୍ରୀ ପ୍ରମୁଖ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ କରଙ୍କ ଗଭୀର ଜ୍ଞାନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଆକାଶବାଣୀ କଳାକାର ପ୍ରକାଶ କୁମାର ପାଢୀଙ୍କୁ 'ଶାନ୍ତିଲତା କର ପାରମ୍ପରିକ ଶିଳ୍ପୀ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଉନ୍ମୋଚିତ ହୋଇଥିବା ପୁସ୍ତକରେ ବିଶେଷ ସହଯୋଗ କରିଥିବାରୁ କବି ବିଭୂତି ପାଢୀ ଏବଂ ଚିତ୍ରଶିଳ୍ପୀ ଶକ୍ତିସ୍ୱରୂପା ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଡା. ଅଂଶୁମାନ କର ସ୍ୱାଗତ ଭାଷଣ ଏବଂ ଇଂ. ରଣଜିତ କର ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପକ ଡ.ରାଜୀବ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।



ଗୋଠପାଟଣାସ୍ଥିତ ଟିଏସ୍‌ଜି ଗୁରୁକୁଳର ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଦଶମ ଏବଂ ଦ୍ୱାଦଶ ଶ୍ରେଣୀରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରମାନେ।

## ଟିଏସ୍‌ଜି ଗୁରୁକୁଳର ସଫଳତା

**ଭୁବନେଶ୍ୱର,୧୪।୫ (ଅନୁରାଧା ମହାରଣା)**

ଚଳିତ ବର୍ଷର ସିବିଏସ୍‌ଇ ବୋର୍ଡ ପରିଚାଳିତ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଗୋଠପାଟଣାସ୍ଥିତ ଟିଏସ୍‌ଜି ଗୁରୁକୁଳର ଛାତ୍ରୀଛାତ୍ରମାନେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ଦଶମ ଶ୍ରେଣୀରେ ସମୁଦାୟ ୧୨୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ କୋମ୍ୟା କୌସ୍ତୁଭା ସର୍ବାଧିକ ୯୮ ପ୍ରତିଶତ ମାର୍କ ରଖି ଶୀର୍ଷରେ ରହିଛନ୍ତି। ସେହିଭଳି ଦ୍ୱାଦଶ ଶ୍ରେଣୀରେ ସମୁଦାୟ ୧୨୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଆଦର୍ଶ କୁମାର ସ୍ୱାଇଁ ସର୍ବାଧିକ ୯୫ ପ୍ରତିଶତ ମାର୍କ ରଖି ଶୀର୍ଷ ସ୍ଥାନ ମଣ୍ଡିତ କରିଛନ୍ତି। ଦଶମ ଶ୍ରେଣୀରୁ ସମୁଦାୟ ୩୮ ଜଣ ଏବଂ ଦ୍ୱାଦଶ ଶ୍ରେଣୀରୁ ସମୁଦାୟ ୨୭ ଜଣ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ବିଦ୍ୟାଳୟର ପାସ୍ ହାର ଶତ ପ୍ରତିଶତ ରହିଥିବାବେଳେ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସାରଦା ପ୍ରସାଦ ମିଶ୍ର ଏବଂ ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ମହାପାତ୍ର କୃତୀ ଛାତ୍ରୀଛାତ୍ର ଏବଂ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ 'ପ୍ରଥମ ଅରୁଣ ଭୂୟାଁ ସ୍ମୃତି ସମ୍ମାନ'

**ଭୁବନେଶ୍ୱର, ୧୪।୫ (ବନ୍ଦନା ସେଠୀ)**

କୋକିଳା ଡ୍ୟାନ୍ସ ଏଣ୍ଡ ମ୍ୟୁଜିକ୍ ଏକାଡେମୀର ୩ୟ ବାର୍ଷିକ ଏବଂ ପ୍ରଥମ ଅରୁଣ ଭୂୟାଁ ସମ୍ମାନ ପ୍ରଦାନ ଉତ୍ସବ ମଙ୍ଗଳବାର ରବୀନ୍ଦ୍ରମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ 'ପ୍ରଥମ ଅରୁଣ ଭୂୟାଁ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ମାନସୀ ଭୂୟାଁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବର ପ୍ରଥମ ଅଧିବେଶନରେ ସର୍ବଭାରତୀୟସ୍ତରୀୟ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ ମିଲୋନୀ ମହାନ୍ତି ପ୍ରଥମ, ଅନୁଷ୍କା ଶାହା ଦ୍ୱିତୀୟ, ସାଇସୌମ୍ୟକାନ୍ତ ଏବଂ ସୁଶ୍ରୀ ସସ୍ମିତା ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବାବଦରେ ଯଥାକ୍ରମେ ୫ହଜାର, ୩ ହଜାର ଓ ୨ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ଗୁରୁ ରତିକାନ୍ତ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ମୋନାଲିସା ସାମନ୍ତରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ସଭାପତି ହୃଦୟବଲ୍ଲଭ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ନୃତ୍ୟ ଗବେଷକ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିବାବେଳେ ହରେକୃଷ୍ଣ ଧଳ ଏବଂ ବିକ୍ରମ ସାମଲ ପରିଚାଳନାରେ ସହଯୋଗ କରିଥିଲେ।


**Format C-1**

**Declaration about Criminal Cases**

(As per the judgement dated 25 September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and address of Candidate : **Kalu Charan Khandaitaray**
Name of Political Party : **Independent**
(Independent Candidates should write "Independent" here)
Name of Election : **Assembly Election**
Name of Constituency : **117 - Khordha**

I, **Kalu Charan Khandaitaray** (name of candidate), a candidate for the above mentioned election; declare for public information the following details about any criminal antecedents:

**(A) Pending Criminal Cases:**

| Sl. No. | Name of Court | Case No. and Dated | Status of Case(s) | Section(s) of Acts concerned and brief description of offence(s) |
|---|---|---|---|---|
| 01 | Women's Court, Khordha | GR No. 840/2002 | Pending | U/s- 147, 148, 323, 354, 379, 380, 427, 452, 50 C/149 |

**(B) Details about Cases of Conviction for Criminal offence:**

| Sl. No. | Name of Court & Date(s) of Order(s) | Description of Office(s) & Punishment Imposed | Maximum Punishment Imposed |
|---|---|---|---|
| 1 | Nil | Rioting & Social Disorder | Nil |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

**Sd./- Kalu Charan Khandaitaray**



**ଫର୍ମ ନଂ. ଏନ୍‌ସିଏଲ୍‌ଟି. ୩ଏ**

**ପିଟିସନ ବାବଦୀୟ ବିଜ୍ଞାପନ**

**[ନିୟମ ୩୫ ଦେଖନ୍ତୁ]**

**ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧୀକରଣ କଟକସ୍ଥିତ କଟକ ଖଣ୍ଡପୀଠରେ**

**CP (CAA) No.5/CB/2024**
**Connected with CA (CAA) No. 2/CB/2024**

**ମାମଲା:** କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ

ଏବଂ

**ମାମଲା:** ଉକ୍ତ ଅଧିନିୟମର ଧାରା ୨୩୦ରୁ ୨୩୨ ଅଧୀନରେ;

ଏବଂ

**ମାମଲା:** କମ୍ପାନୀ (ବୁଝାମଣା, ବନ୍ଦୋବସ୍ତ ଏବଂ ମିଶ୍ରଣ) ନିୟମାବଳୀ, ୨୦୧୬ ତଥା ଅନ୍ୟାନ୍ୟ ନିୟମାବଳୀ ଅଧୀନରେ;

ଏବଂ

**ମାମଲା:** ସୂର୍ଯ୍ୟୋ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U45201OR2008PTC010209**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ଦିନଲିପି ଭବନ, ଏ-୫୪/୧ ଏବଂ ଏ-୫୫/୧, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୧

ଏବଂ

**ମାମଲା:** ସୂର୍ଯ୍ୟୋ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U67120OR1995PTC003978**, କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୨

ଏବଂ

**ମାମଲା:** ସୂର୍ଯ୍ୟୋ ପେପର୍ସ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U21099OR1986PTC001735**, କମ୍ପାନୀ ଅଧିନିୟମ ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୩

ଏବଂ

**ମାମଲା:** ସୂର୍ଯ୍ୟୋ ଇନ୍‌ଭେଷ୍ଟମେଣ୍ଟସ ଆଣ୍ଡ ଟ୍ରାନ୍ସପୋର୍ଟ ଲିମିଟେଡ୍: ସିଆଇଏନ୍: **U67120OR1984PLC001307**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୪

ସହିତ

**ମାମଲା:** ସୂର୍ଯ୍ୟୋ ଉଦ୍ୟୋଗ ଲିମିଟେଡ୍, ସିଆଇଏନ୍: **U24119OR1978PLC000785**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରଗ୍ରାହୀ କମ୍ପାନୀ

(ଏତଦ୍‌ପଶ୍ଚାତ୍ ମିଳିତ ଭାବେ "ଆବେଦକ କମ୍ପାନୀ ଭାବେ ଉଲ୍ଲିଖିତ")

**ପିଟିସନ ନୋଟିସ**

ଉପରନାମିତ ଆବେଦକମାନଙ୍କ ଦ୍ୱାରା କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୩୦ ଓ ୨୩୨ ଅଧୀନରେ ସୂର୍ଯ୍ୟୋ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ପେପର୍ସ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ଇନ୍‌ଭେଷ୍ଟମେଣ୍ଟସ ଆଣ୍ଡ ଟ୍ରାନ୍ସପୋର୍ଟ ଲିମିଟେଡ୍ (ଆବେଦକ ହସ୍ତାନ୍ତରକାରୀ କମ୍ପାନୀ) ଏବଂ ସୂର୍ଯ୍ୟୋ ଉଦ୍ୟୋଗ ଲିମିଟେଡ୍ (ଆବେଦକ ହସ୍ତାନ୍ତରଗ୍ରାହୀ କମ୍ପାନୀ)ର ମିଶ୍ରଣ ଯୋଜନାର ମଞ୍ଜୁରୀ ପାଇଁ ଏକ ଆବେଦନ (ପିଟିସନ) ଉପରନାମିତ ଆବେଦକମାନଙ୍କ ଦ୍ୱାରା **୮ ମେ, ୨୦୨୪** ଦିନ ଉପସ୍ଥାପିତ କରାଯାଇଥିଲା ଏବଂ ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧୀକରଣ, କଟକ ଖଣ୍ଡପୀଠଙ୍କ ନିକଟରେ ଉପରୋକ୍ତ ଆବେଦନର ଶୁଣାଣି **୫ ଜୁନ୍, ୨୦୨୪** ଦିନ ଅନୁଷ୍ଠିତ ହେବା ଲାଗି ସ୍ଥିର ହୋଇଛି। କଥିତ ଆବେଦନ (ପିଟିସନ) ସପକ୍ଷ କିମ୍ବା ବିରୋଧରେ ନିଜର ମତାମତ ଦାଖଲ କରିବା ପାଇଁ ଇଚ୍ଛୁକ ଯେକୌଣସି ବ୍ୟକ୍ତି ନିଜର ଅଭିପ୍ରାୟ ନୋଟିସକୁ ନିଜର କିମ୍ବା ନିଜର ଓକିଲଙ୍କ ଦସ୍ତଖତ ଓ ନିଜର ନାମ ଓ ଠିକଣା ସହିତ ଏପରି ଭାବେ ପଠାଇବେ ଯାହା ଆବେଦକଙ୍କ ଓକିଲଙ୍କ ନିକଟକୁ ପିଟିସନ ଶୁଣାଣି ଲାଗି ସ୍ଥିର ହୋଇଥିବା ଦିବସର ଦୁଇ ଦିନ ପୂର୍ବରୁ ପ୍ରାପ୍ତ ହେବ। ଯଦି କୌଣସି ବ୍ୟକ୍ତି ଆବେଦନ (ପିଟିସନ)କୁ ବିରୋଧ କରୁଥାନ୍ତି, ତେବେ ନୋଟିସ ସହିତ ଆପତ୍ତିର କାରଣ କିମ୍ବା ତାଙ୍କର ସତ୍ୟପାଠ ସଂଲଗ୍ନ କରାଯିବା ଜରୁରୀ ଅଟେ। ଏହି ପିଟିସନର ନକଲ ହାସଲ କରିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କୁ ତାହା ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ସେଥି ନିମନ୍ତେ ନିର୍ଦ୍ଧାରିତ ଶୁଳ୍କର ପରିଶୋଧ ପରେ ଯୋଗାଇଦିଆଯିବ।

ସ୍ୱା./- ଶାଶ୍ୱତ କୁମାର ରାଉତ
(ଆବେଦକଙ୍କ ଓକିଲ)

ତାରିଖ: ୧୪।୦୫।୨୦୨୪ ପ୍ଲଟ୍ ନଂ. ୬୮୭, କେ-୩ବି, କଳିଙ୍ଗ ନଗର
ସ୍ଥାନ: ଭୁବନେଶ୍ୱର ଘାଟିକିଆ, ଭୁବନେଶ୍ୱର-୭୫୧୦୨୯

## ୧୫ ଗ୍ୟାସ ଟାଙ୍କି ନେଇଗଲେ ଦୁର୍ବୃତ୍ତ

ଯାଁଳା, ୧୪।୫ (ବୁଲା ବାରିକ):

ଇନ୍‌ଫୋଭ୍ୟାଲି ଥାନା ଅଧୀନ ଯାଁଳା ପଞ୍ଚାୟତ ଅଞ୍ଚଳରୁ ଦୁର୍ବୃତ୍ତମାନେ ୧୫ଟି ଗ୍ୟାସ ଟାଙ୍କି ନେଇଯାଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନାଁ ନେଇ ମାଗଣାରେ ଟାଙ୍କିରେ ଗ୍ୟାସ ଭର୍ତ୍ତି କରାଇଦେବୁ କହି ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଥିବା ବ୍ୟକ୍ତିମାନେ ହେଲେ ଦକ୍ଷିଣ ମୁଣ୍ଡମୁହାଣର ପୀତବାସ ଭୋଇ, ଭାଗ୍ୟଧର ନାୟକ, ଓଗାଳପଡା ଅଞ୍ଚଳର ପ୍ରତାପ ନାୟକ, ପ୍ରଭାକର ନାୟକ, ଆରତ ନାୟକ, ଭରତ ନାୟକ ଓ ରଘୁନାଥ ନାୟକ। ସେହିଭଳି ଅନ୍ୟ ଦୁଇସାହିର ୫ ଜଣଙ୍କ ଟାଙ୍କି ନେଇଯାଇଛନ୍ତି। ଅଭିଯୋଗ ମୁତାବକ, ସୋମବାର ଅପରାହ୍ନରେ ଦୁଇ ଜଣ ଦୁର୍ବୃତ୍ତ ଏକ ଲୁନାରେ ଆସିଥିଲେ। ସେମାନେ ଯାଁଳା ପଞ୍ଚାୟତର ଦକ୍ଷିଣ ମୁଣ୍ଡମୁହାଣ, ଓଗାଳପଡ଼ା, ଗୋପାଳପୁର ଓ ରାଧାଚରଣପୁର ଅଞ୍ଚଳରେ ପହଞ୍ଚିଥିଲେ। ପ୍ରତି ସାହିରୁ ୩/୪ ଘରର ଲୋକଙ୍କୁ ଡାକି ଏକ ନିର୍ଦ୍ଦିଷ୍ଟ ଦଳରୁ ଆସିଛୁ ବୋଲି କହିଥିଲେ। ଘରେ ଖାଲି ଥିବା ଗ୍ୟାସ ଟାଙ୍କି ଦେଲେ ତୁମମାନଙ୍କୁ ଏକ ଗ୍ୟାସ ଭର୍ତ୍ତି ଟାଙ୍କି, ଚାଉଳ ୧୦କେଜି ଓ ଡାଲି ୩କେଜି ଦିଆଯିବ ବୋଲି କହିଥିଲେ। ଗ୍ୟାସ ବହିର ଫଟୋ ଉଠାଇବା ସହ ଗାଡି ଆସିବା ପରେ ଆପଣମାନଙ୍କୁ ଫୋନ କରି ଡାକି ଦିଆଯିବ ବୋଲି କହିଥିଲେ। ପରେ ଦୁର୍ବୃତ୍ତମାନଙ୍କୁ ଲୋକେ ଖାଲି ଟାଙ୍କି ଦେଇଥିଲେ। ରାତି ୮ଟା ପର୍ଯ୍ୟନ୍ତ ଗ୍ୟାସ ଟାଙ୍କି ଗାଡି ନ ଆସିବାରୁ ଉକ୍ତ ଦଳର କେତେଜଣ କର୍ମୀଙ୍କୁ ଲୋକମାନେ ପଚାରିଥିଲେ। ତୁମକୁ କିଏ ମିଛ କହି ଗ୍ୟାସ ଟାଙ୍କି ନେଇଯାଇଯାଇଛନ୍ତି ବୋଲି କର୍ମୀମାନେ କହିବା ପରେ ମଙ୍ଗଳବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ସହର ବଜାର ଛାଡ଼ି ଗାଁମୁହାଁ ନେତା, କର୍ମୀ

ନିମାପଡ଼ା, ୧୪।୫ (ବିଚିତ୍ରାନନ୍ଦ ସାହୁ)

ଜଗତ୍‌ସିଂହପୁର ଲୋକ ସଭା ଆସନ ଓ ଏହି ସଂସଦୀୟ କ୍ଷେତ୍ର ଅଧୀନ ନିମାପଡ଼ା ବିଧାନସଭା ଆସନ ପାଇଁ ଶେଷ ପର୍ଯ୍ୟାୟରେ ଜୁନ୍ ୧ରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନରେ ଜଗତ୍‌ସିଂହପୁର ଲୋକସଭା ଆସନରୁ ବିଜେଡି, ଭାଜପା ଓ କଂଗ୍ରେସ ଆଦି ୩ଟି ପ୍ରମୁଖ ରାଜନୈତିକ ଦଳରୁ ବହୁ ଅଭିଜ୍ଞ ନେତା ଓ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡିରୁ ପୂର୍ବତନ ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ, ଭାଜପାରୁ ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, କଂଗ୍ରେସରୁ ପୂର୍ବତନ ମନ୍ତ୍ରୀ ଡ. ରବୀନ୍ଦ୍ର ସେଠୀ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଏମ୍‌ପି ପ୍ରାର୍ଥୀ ରମେଶ ସେଠୀଙ୍କ ସମେତ ଅନ୍ୟ କେତେକ ପ୍ରାର୍ଥୀ ମଧ୍ୟ ନିର୍ବାଚନ ମଇଦାନକୁ ଅବତୀର୍ଣ୍ଣ ହୋଇଛନ୍ତି। ହେଲେ ବିଜେଡି ପ୍ରାର୍ଥୀ ମଲ୍ଲିକ ଏବଂ ଭାଜପା ପ୍ରାର୍ଥୀ ତରାଇଙ୍କ ମଧ୍ୟରେ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି। ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ଭାବେ ଦିଲୀପ ନାୟକ, ଭାଜପା ପ୍ରାର୍ଥୀ ଭାବେ ନାରୀନେତ୍ରୀ ପ୍ରଭାତୀ ପରିଡ଼ା, କଂଗ୍ରେସ ପ୍ରାର୍ଥୀ ଭାବେ ସାମାଜିକ କର୍ମୀ ସିଦ୍ଧାର୍ଥ ରାଉତରାୟ, ସିପିଆଇ ପ୍ରାର୍ଥୀ ମନୋରଞ୍ଜନ ପରିଡ଼ା, ସ୍ୱାଧୀନ ପ୍ରାର୍ଥୀ ଭାବେ ସାମାଜିକ କର୍ମୀ ରୋଜାଲିନ୍ ନାୟକ, ରୋଜାଲିନ୍ ପ୍ରଧାନ, ଆଧ୍ୟାତ୍ମିକବାଦୀ ତଥା ପ୍ରଭୁ ମହାବୀରଙ୍କ ସାଧକ ଅରୁଣ ସାହୁଙ୍କ ସମେତ ୧୧ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନିର୍ବାଚନ ପାଖେଇ ଆସୁଥିବାରୁ ନିମାପଡ଼ାରେ ରାଜନୈତିକ ଉଷ୍ମତା ବେଶ ସରଗରମ ହେବାରେ ଲାଗିଛି। ଏବେ ବିଭିନ୍ନ ଦଳର ପ୍ରାର୍ଥୀ ଓ ନେତା ସହର ବଜାର ଛାଡ଼ି ଗାଁ ମୁହାଁ ହେଉଛନ୍ତି। ଗାଁଗଣ୍ଡାରେ ଏବଂ ନିର୍ବାଚନୀ ପ୍ରସାର ଜମିବାରେ ଲାଗିଛି। ବିଭିନ୍ନ ଦଳର ପ୍ରାର୍ଥୀ ସେମାନଙ୍କ ସମର୍ଥକଙ୍କ ସହ ବିଭିନ୍ନ ପଞ୍ଚାୟତ, ଗାଁ ଗାଁ ବୁଲି ନିଜ ସପକ୍ଷରେ ଭୋଟ ଭିକ୍ଷା କରୁଛନ୍ତି। ବିଜେଡି ପ୍ରାର୍ଥୀ ଦିଲୀପ ବହୁ ଯୁବ ଛାତ୍ରଙ୍କ ସହ ପ୍ରଚାର ଚଳାଇଥିବାବେଳେ ଭାଜପା ପ୍ରାର୍ଥୀ ପରିଡ଼ାଙ୍କ ପ୍ରଚାରରେ ମୁଖ୍ୟତଃ ବହୁ ମହିଳା ସାମିଲ ହେଉଥିବା ଦେଖିବାକୁ ମିଳୁଛି। ନିମାପଡ଼ାରେ ଏହି ୨ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି ଆଶା କରାଯାଉଛି।

## ଘର ଘର ବୁଲି ଭୋଟ ଭିକ୍ଷାକଲେ ଜାଗୃତି



ଡେଲାଙ୍ଗ, ୧୪।୫ (ରଶ୍ମିରଞ୍ଜନ ପ୍ରଧାନ)

ଆସନ୍ତା ୨୫ ତାରିଖରେ ମତଦାନ ହେବାକୁ ଥିବାବେଳେ ବିଜେଡି ନିର୍ବାଚନ ରଣାଙ୍ଗନରେ ବିଜୟ ଲକ୍ଷ୍ୟ ନେଇ ବିଭିନ୍ନ ସ୍ଥାନରେ ସଭା ଓ କର୍ମୀ ସମ୍ମିଳନୀ କରୁଛି। ଧାନକେରା ପଞ୍ଚାୟତରେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ସ୍ତ୍ରୀ ଜାଗୃତି ପଣ୍ଡା ମହାରଥୀ ମଙ୍ଗଳବାର ସ୍ୱାମୀଙ୍କ ପାଇଁ ଘରକୁ ଘର ବୁଲି ପ୍ରଚାର କରିଛନ୍ତି। ଜାଗୃତି ଧାନକେରା ପଞ୍ଚାୟତର ଆରଦା, ବସନ୍ତପଡ଼ା, ଧାନକେରା, ନାଗଣ, ନରଣପୁର, ନଳିବସନ୍ତ, ହଳଦି ଗୋରଡ଼ା, ମଝିପଡ଼ା, ସରଧାପୁର, ଟିକରପଡ଼ା, ନୂଆଗାଁ ସମେତ ପଞ୍ଚାୟତର ବିଭିନ୍ନ ଗ୍ରାମର ଘରକୁ ଘର ବୁଲି ଭୋଟ ଭିକ୍ଷା କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟଧାରା ଓ ଜନହିତକର ଯୋଜନା ସମେତ ୯ ଦଫା ନିର୍ବାଚନୀ ଇସ୍ତାହାର ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ପଞ୍ଚାୟତର ଗମନାଗମନ ବ୍ୟବସ୍ଥା, ନୂତନ କଲ୍ୟାଣମଣ୍ଡପ ନିର୍ମାଣ, ବିଦ୍ୟାଳୟର ରୂପାନ୍ତକରଣ ଭଳି ଅନେକ ବିକାଶମୂଳକ କାର୍ଯ୍ୟ ଆଗାମୀ ଦିନରେ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ସମବାୟ ନିର୍ଦ୍ଦେଶକ ଚିତ୍ରସେନ ନିଶଙ୍କ, ପୂର୍ବତନ ସରପଞ୍ଚ ଉପେନ୍ଦ୍ର ପ୍ରଧାନ, ପୂର୍ବତନ ସମିତି ସଭ୍ୟ ଅମିୟ ବରାଳ, ସରପଞ୍ଚଙ୍କ ପ୍ରତିନିଧି ମାନସ ମହାପାତ୍ର, ସମିତି ସଭ୍ୟ ପ୍ରତିନିଧି ଅକ୍ଷୟ ବେହେରା, ଦୁଃଶାସନ ସ୍ୱାଇଁ ପ୍ରମୁଖ ବିଜେଡି କର୍ମୀ ସାମିଲ ହୋଇଥିଲେ। ଭୋଟ ଭିକ୍ଷା ସମୟରେ ସ୍ଥାନୀୟ ଜନସାଧାରଣ ସ୍ୱଚ୍ଛ ପାନୀୟ ଜଳ ସମ୍ପର୍କିତ ସମସ୍ୟା ସମାଧାନ କରିବା ପାଇଁ ନିବେଦନ କରିଥିଲେ।

## ସେବା, ଅହିଂସା ମୂର୍ତ୍ତିମନ୍ତର ପ୍ରତୀକ ସ୍ୱର୍ଗତ ଭବାନୀଚରଣ

ନିମାପଡ଼ା, ୧୪।୫ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାର ଶହୀଦ ସ୍ମୃତି ସଂସଦ ଓ ପତିତପାବନ ସେବା ସଂଘର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପଦ୍ମଶ୍ରୀ ଭବାନୀଚରଣ ପଟ୍ଟନାୟକଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ସମାରୋହ ସଂଘଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ନିମାପଡ଼ାରେ ପ୍ରେରଣା ଦିବସ ପାଳିତ ହୋଇଥିଲା। ସମାରୋହରେ ସଂସଦ ସମ୍ପାଦକ ଡ. ବେଣୁଧର ସେନାପତି ଅଧ୍ୟକ୍ଷତା କରି ଏହି ଦିବସର ତାତ୍ପର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥି ଭାବେ ସଂଘ ସମ୍ପାଦକ ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ, ସାମ୍ୟବାଦୀ ନେତା ବସନ୍ତ ପାତ୍ର, ସଂସଦ ସାଂଗଠନିକ ସମ୍ପାଦକ ଅଭିରାମ ମଲ୍ଲିକ, ଯୁବନେତା ପ୍ରଦୀପ୍ତ କୁମାର ମୁଖୀ ପ୍ରମୁଖ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପଟ୍ଟନାୟକ ଓଡ଼ିଶାରେ ଶାନ୍ତି, ମୈତ୍ରୀ, ପ୍ରେରଣା ଉତ୍ସ ଓ ନିମାପଡ଼ାର ଗାନ୍ଧୀ ଭାବେ ବେଶ ଜଣାଶୁଣା। ସ୍ୱର୍ଗତ ପଦ୍ମଶ୍ରୀ ପଟ୍ଟନାୟକ ଓଡ଼ିଶାରେ ସେବା, ଅହିଂସାର ମୂର୍ତ୍ତିମନ୍ତର ପ୍ରତୀକ ଥିଲେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଆଜିର ଯୁବ ଓ ଛାତ୍ର ସମାଜ ସ୍ୱର୍ଗତ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସମାରୋହରେ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି, ବରିଷ୍ଠ ନାଗରିକମାନେ ଯୋଗଦେଇ ସ୍ୱର୍ଗତ ନେତାଙ୍କ ସ୍ମୃତିଚାରଣ କରି ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ।



ପ୍ରେରଣା ଦିବସ ସମାରୋହରେ ମଞ୍ଚାସୀନ ଅତିଥି।

## ପ୍ରଚାର ବେଳେ ଭାଜପା କର୍ମୀଙ୍କୁ ଆକ୍ରମଣ

ଭୁବନେଶ୍ୱର, ୧୪।୫ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରେ ପୁଣି ଏକ ରାଜନୈତିକ ହିଂସା ଘଟିଛି। କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୬ ଆଖଣ୍ଡଳମଣି ବସ୍ତିରେ ମଙ୍ଗଳବାର ସନ୍ଧ୍ୟାରେ ଭାଜପାର ନିର୍ବାଚନୀ ପ୍ରଚାର ବେଳେ ଭାଜପା କର୍ମୀଙ୍କୁ ଗାଳିଗୁଲଜ ଓ ଧମକ ଦିଆଯିବା ସହ ଆକ୍ରମଣ କରାଯାଇଛି। ଏ ନେଇ କ୍ୟାପିଟାଲ ଥାନାରେ ବିଜେଡି କର୍ମୀଙ୍କ ବିରୋଧରେ ଏତଲା ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ସନ୍ଧ୍ୟାରେ ଆଖଣ୍ଡଳମଣି ବସ୍ତିରେ ଭାଜପାର ପ୍ରଚାର ଚାଲିଥିଲା। ଏହି ସମୟରେ ଭାଜପା କର୍ମୀଙ୍କୁ କେତେଜଣ ବିଜେଡି କର୍ମୀ ଗାଳିଗୁଲଜ କରିଥିଲେ। ଏପରିକି ମାୟାଧର ବେହେରା ନାମକ କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଓ ବନ୍ଧୁକ ଦେଖାଇ ଧମକାଇଥିବା ସହ ସୁନାଚେନ, ଟଙ୍କା ଆଦି ଛଡ଼ାଇ ନେଇଥିବା ତାଙ୍କ ସ୍ତ୍ରୀ ମମତା ମଲ୍ଲିକ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି।

## ରାଧାକାନ୍ତ ବିଦ୍ୟାପୀଠର ୨୨ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ପୁରସ୍କାର

ଡେଲାଙ୍ଗ, ୧୪।୫ (ରଶ୍ମିରଞ୍ଜନ ପ୍ରଧାନ):

ଡେଲାଙ୍ଗ ବ୍ଲକର ରାଧାକାନ୍ତ ବିଦ୍ୟାପୀଠର ୨୨ଜଣ ସ୍କାଉଟ ଗାଇଡ୍ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟର ୨୪ଜଣ ଛାତ୍ରୀଛାତ୍ର ପୁରୀ ଭୋଳାନାଥ ବିଦ୍ୟାପୀଠରେ ଗତ ଫେବୃୟାରୀରେ ସ୍କାଉଟ ଶିକ୍ଷକ ନଟବର ସେଠୀଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୨ଜଣ ରାଜ୍ୟ ପୁରସ୍କାର ନିମନ୍ତେ ଉତ୍ତୀର୍ଣ୍ଣ ହୋଇଥିଲେ। ବିଦ୍ୟାଳୟର ୭ଜଣ ପିଲା ପ୍ରତିନିଧିତ୍ୱ କରି ଭୁବନେଶ୍ୱରସ୍ଥିତ ରାଜଭବନଠାରେ ଆୟୋଜିତ ରାଜ୍ୟ ପୁରସ୍କାର ଉତ୍ସବରେ ଯୋଗଦେଇ ରାଜ୍ୟପାଳ ରଘୁବର ଦାସଙ୍କଠାରୁ ପ୍ରଶଂସା ପତ୍ର ଓ ପୁରସ୍କାର ଗ୍ରହଣ କରିଛନ୍ତି। ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପରିସରର ସଫେଇ, ରୋଗୀସେବା, ପଥଚାରୀଙ୍କୁ ପାନୀୟ ଜଳ ଦାନ, ବିଭିନ୍ନ ରାସ୍ତା ପାର୍ଶ୍ୱରେ ଚାରାରୋପଣ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ ବଣ୍ଟନ, ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରେରଣ, ମହାମାରୀ କୋଭିଡ୍ ସମୟରେ ଜନସାଧାରଣଙ୍କୁ ସଚେତନ କରାଇବା ଆଦି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏନେଇ ଛାତ୍ରୀଛାତ୍ରଙ୍କୁ ଡେଲାଙ୍ଗ ରେଳ ଷ୍ଟେସନରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଥିଲା।



## ଇସାଣପୁର ପଞ୍ଚାୟତ ଗୃହ କାର୍ଯ୍ୟ ଅଧାରୁ ବନ୍ଦ

ଯୋଗେଶ୍ୱରପୁର, ୧୪।୫ (ରଶ୍ମିରଞ୍ଜନ ସାହୁ):



ନୟାହାଟ ଫାଣ୍ଡି ଅଧୀନ ଇସାଣପୁର ପଞ୍ଚାୟତ କଦମପାଟଣା ବିଦ୍ୟାଳୟ ନିକଟରେ ନିର୍ମାଣାଧୀନ ପଞ୍ଚାୟତ ନୂତନ ଗୃହ କାର୍ଯ୍ୟ ଅଧାରୁ ୨ ବର୍ଷ ହେଲା ବନ୍ଦ ହୋଇ ପଡ଼ିରହିଛି। ଏ ସମ୍ପର୍କରେ ସରପଞ୍ଚ ବିନୋଦିନୀ ପାଳଙ୍କୁ ପଚାରିବାରେ, ତ୍ରିଲୋଚନ ସ୍ୱାଇଁ ନାମକ ଜଣେ ଯୁବକ ହାଇକୋର୍ଟରେ ମକଦ୍ଦମା କରିବାରୁ କାର୍ଯ୍ୟ ବନ୍ଦ ରହିଛି। ନିର୍ମାଣ କରାଯାଇଥିବା ପଞ୍ଚାୟତ ଗୃହଟି ସରକାରୀ ଜାଗାରେ ନିର୍ମାଣ କରାଯାଉଥିବାବେଳେ ବନ୍ଦ ଥିବାରୁ ପଞ୍ଚାୟତକୁ ବିଭିନ୍ନ କାମରେ ଆସୁଥିବା ଲୋକ ଘର ନ ଥିବାରୁ ଖରାରେ ଠିଆ ହୋଇ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ ଲୋକ କଷ୍ଟରେ ଭତ୍ତା ଟଙ୍କା ନେଉଛନ୍ତି। ନିର୍ବାଚନ ଶେଷ ହେବା ପରେ କେଶରେ ସେ ଜିତିବେ ବୋଲି ସରପଞ୍ଚ ପାଳ କହିଛନ୍ତି।

## କଂଗ୍ରେସ ଛାଡ଼ି ବିଜେଡିରେ ମିଶିଲେ ୩୦ ପରିବାର

ସାକ୍ଷୀଗୋପାଳ, ୧୪।୫
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ଅଧୀନ ସାରଙ୍ଗଯୋଡି ପଞ୍ଚାୟତରେ ମଙ୍ଗଳବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ନିର୍ମଳ ଭାବମୂର୍ତ୍ତି ଓ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ସତ୍ୟବାଦୀ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମାଙ୍କ ଉପରେ ଆସ୍ଥା ପ୍ରକଟ କରି ପୂର୍ବତନ ସରପଞ୍ଚ ବସନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ୩୦ ଗୋଟି ପରିବାର କଂଗ୍ରେସ ପରିତ୍ୟାଗ କରି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ଶଙ୍କର ପରିଡ଼ା, ପ୍ରଶାନ୍ତ ସାହୁ, କୃଷ୍ଣଚନ୍ଦ୍ର ନାୟକ, ଗଜେନ୍ଦ୍ର ପଲାଇ, ଖୁକା ପଲାଇ, କୈଳାସ ଚନ୍ଦ୍ର ମହାନ୍ତି, ରଘୁନାଥ ପାଣି, ଗୋକୁଳ ସାହୁ, ସୁଶାନ୍ତ ସାହୁ, କାଳୁ ନାୟକ, ଦୁଃଖୀଶ୍ୟାମ ବେହେରାଙ୍କ ସମେତ ଅନ୍ୟମାନଙ୍କୁ ଦାସବର୍ମା ଦଳୀୟ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ସାରଙ୍ଗଯୋଡି ପଞ୍ଚାୟତ ବିଜେଡି ସଭାପତି ଲିଙ୍ଗରାଜ ସାହୁ, ପୂର୍ବତନ ଜିଲା ପରିଷଦ ପ୍ରହଲ୍ଲାଦ ଘଟୁଆରୀଙ୍କ ସହ ଅନ୍ୟ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ସେହିଭଳି ସତ୍ୟବାଦୀ ବ୍ଲକ ଦୁଗଲ ପଞ୍ଚାୟତରେ ବିଜେଡି ବିଧାୟକ ପ୍ରାର୍ଥୀ ଦାସବର୍ମାଙ୍କ ସହ ଶତାଧିକ ଦଳୀୟ କର୍ମକର୍ତ୍ତା ଏକ ବାଇକ୍ ଶୋଭାଯାତ୍ରାରେ ଉକ୍ତ ପଞ୍ଚାୟତର ପ୍ରତେକ ଗାଁ ଗାଁ ବୁଲି ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ।



ମିଶ୍ରଣ ପର୍ବରେ ସଞ୍ଜୟଙ୍କ ସହ ମିଶି ଥିବା ନେତୃବୃନ୍ଦ।

## ଗାଁର ସାଧାରଣ ଲୋକଙ୍କ ସମସ୍ୟାରେ ରହିବି:ସମୀର

ଗୋପ, ୧୪।୫ (ଭାରତୀ ଭୂଷଣ ଉପାଧ୍ୟାୟ):



ଦୀର୍ଘ ୪୨ ବର୍ଷ ଧରି ରାଜନୀତିରେ ରହିଛି। ସାଧାରଣ ଲୋକଙ୍କ ସହିତ ଅଛି। ରହିବି ମଧ୍ୟ। ଦଳ ଟିକେଟ ନ ଦେଲେ ମଧ୍ୟ ମୁଁ ମୋ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଗାଁକୁ ଯିବି, ରାତ୍ରିଯାପନ କରିବି। ଦାନ୍ତ ଘସିବି। ପଖାଳ ଖାଇବା ସହ ଲୋକଙ୍କ ସମସ୍ୟା ବୁଝିବି ବୋଲି ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ପ୍ରକାଶ ଯେ, ଛାତ୍ର ଜୀବନରୁ ରାଜନୀତି କରିଥିବା ଦାଶ ୨୦୦୯ରୁ ୨୦୧୯ ମସିହା ପର୍ଯ୍ୟନ୍ତ ନିମାପଡ଼ା ନିର୍ବାଚନମଣ୍ଡଳୀରେ ୩ ଥର ବିଧାୟକ ହେବା ପରେ ଚଳିତ ସାଧାରଣ ନିର୍ବାଚନରେ ତାଙ୍କୁ ଦଳୀୟ ଟିକେଟ ମିଳିନାହିଁ। କିନ୍ତୁ ନିମାପଡ଼ା ନିର୍ବାଚନମଣ୍ଡଳୀରେ ସମୀରଙ୍କ ନେତୃତ୍ୱ ଦୃଢ଼ ରହିଥିବାବେଳେ ଏବେ ସେ ଦଳରେ ରହିଛନ୍ତି। ଏପରି ଏକ ଘଡିସନ୍ଧି ସମୟରେ କ'ଣ କହିବେ ବୋଲି ପଚାରିବାରେ, ସେ ରାଜନୈତିକ ଜୀବନ କାଳରେ ସାଧାରଣ ଲୋକ ମାନଙ୍କ ସମସ୍ୟା ବୁଝିଛନ୍ତି। କ୍ରମାଗତ ଭାବରେ ୩ ଥର ବିଧାୟକ ଭାବେ ଦୀର୍ଘ ୧୫ ବର୍ଷ ରହିବା ଭିତରେ ଅନେକ ବିକାଶ ମୂଳକ କାର୍ଯ୍ୟ କରିଛନ୍ତି। ତାଙ୍କ ପରିବାର କହିଲେ ନିମାପଡ଼ା ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତର ସମସ୍ତ ଗାଁ। ସମୟ ଆସିଛି ସାଧାରଣ ଲୋକଙ୍କ ସହିତ ରହିବା ଲାଗି। ନିର୍ବାଚନ ଫଳାଫଳ ଯାହା ହେଉ, କିନ୍ତୁ ସେ ପ୍ରତ୍ୟେକ ଗାଁକୁ ଯିବେ, ଗାଁରେ ରାତ୍ରି ଯାପନ କରିବେ, ସକାଳୁ ଗାଁ ଦାଣ୍ଡରେ ସାଧାରଣ ଲୋକଙ୍କ ସହିତ ଦାନ୍ତ ଘସିବେ, ପଖାଳ ଖାଇବା ସହ ଲୋକଙ୍କ ସମସ୍ତ କାର୍ଯ୍ୟରେ ସାମିଲ ହେବେ ବୋଲି କହିଥିଲେ।

## ଦୁର୍ଘଟଣାରେ ୬ ଆହତ

ପୁରୀ, ୧୪।୫ (ଅଜିତ୍ କୁମାର ମହାନ୍ତି)

ପୁରୀ ବାଟମଙ୍ଗଳା ନିକଟରେ ମଙ୍ଗଳବାର ଏକ ଟାଟା ଏସି ଗାଡ଼ି ଧକ୍କା ଦେବାରୁ ସେଠାରେ ଉପସ୍ଥିତ ୬ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଆହାତଙ୍କୁ ଆମ୍ବୁଲାନ୍ସ ଯୋଗେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ କଟକ ପଠାଯାଇଥିବାବେଳେ ଜଣେ ପୁରୀଠାରେ ଚିକିତ୍ସିତ ହେଉଛନ୍ତି। ଗୁରୁତରମାନେ ହେଲେ ପୁରୀ ସଦର ଅଞ୍ଚଳର ଗାୟତ୍ରୀ ମହାପାତ୍ର (୪୦), ଖୋର୍ଦ୍ଧା ତରବୋଇ ଅଞ୍ଚଳର ସୁଲୋଚନା ସାହୁ, ବୋଲଗଡ଼ ଅଞ୍ଚଳର ପୂର୍ଣ୍ଣ ମହାପାତ୍ର, ପୁରୀ ସହରରେ ରହୁଥିବା ସୁବାସ ଚନ୍ଦ୍ର ଜେନା, ଚନ୍ଦନପୁର ଅଞ୍ଚଳର ହାତୀ ମହାନ୍ତି। ସ୍ଥାନୀୟ ଲୋକେ ଉକ୍ତ ଗାଡ଼ି ଚାଳକଙ୍କୁ ଅଟକ ରଖିବା ସହ ପୋଲିସକୁ ଖବର ଦେଇଥିଲେ। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗାଡ଼ିକୁ ଜବତ କରିବା ସହ ଲୋକେ ଚାଳକଙ୍କୁ ପୋଲିସ ଜିମା ଦେଇଥିଲେ। ତେବେ ଚାଳକ ଜଣଙ୍କ ମଦ୍ୟପାନ କରି ଦ୍ରୁତ ଗତିରେ ଗାଡ଼ି ଚଳାଉଥିବାରୁ ଏଭଳି ସିରିଜ୍ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଏକ ସିମେଣ୍ଟ ବୋଝେଇ ଟାଟା ଏସି ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ ମିନିଟ୍‌ରେ ପୁରୀ ଅଭିମୁଖେ ଦ୍ରୁତ ଗତିରେ ଆସୁଥିଲା। ଏହି ସମୟରେ ମା' ବାଟ ମଙ୍ଗଳାଙ୍କ ମନ୍ଦିର ନିକଟରେ କେତେଜଣ ବାଇକ୍‌ରେ ଏବଂ କେତେଜଣ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିଲେ। ଟାଟା ଏସିଟି ସେଠାରେ ଠିଆ ହୋଇଥିବା ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା। ଫଳରେ ୬ ଜଣ ବ୍ୟକ୍ତି ତଳେ ପଡ଼ି ଆହାତ ହୋଇଥିଲେ।

**Format C-1**

**Declaration about Criminal Cases**

(As per the judgement dated 25 September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and address of Candidate : **Kalu Charan Khandaitaray**
Name of Political Party : **Independent**
(Independent Candidates should write "Independent" here)
Name of Election : **Assembly Election**
Name of Constituency : **117 - Khordha**

I, **Kalu Charan Khandaitaray** (name of candidate), a candidate for the above mentioned election; declare for public information the following details about any criminal antecedents:

**(A) Pending Criminal Cases:**

| Sl. No. | Name of Court | Case No. and Dated | Status of Case(s) | Section(s) of Acts concerned and brief description of offence(s) |
|---|---|---|---|---|
| 01 | Women's Court, Khordha | GR No. 840/2002 | Pending | U/s- 147, 148, 323, 354, 379, 380, 427, 452, 50 C/149 |

**(B) Details about Cases of Conviction for Criminal offence:**

| Sl. No. | Name of Court & Date(s) of Order(s) | Description of Office(s) & Punishment Imposed | Maximum Punishment Imposed |
|---|---|---|---|
| 1 | Nil | Rioting & Social Disorder | Nil |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

**Sd./- Kalu Charan Khandaitaray**

**ଫର୍ମ ନଂ. ଏନ୍‌ସିଏଲ୍‌ଟି. ୩ଏ**

**ପିଟିସନ ବାବଦୀୟ ବିଜ୍ଞାପନ**

**[ନିୟମ ୩୫ ଦେଖନ୍ତୁ]**

**ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧୀକରଣ କଟକସ୍ଥିତ କଟକ ଖଣ୍ଡପୀଠରେ**

**CP (CAA) No.5/CB/2024**
**Connected with CA (CAA) No. 2/CB/2024**

**ମାମଲା:** କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ

ଏବଂ

**ମାମଲା:** ଉକ୍ତ ଅଧିନିୟମର ଧାରା ୨୩୦ରୁ ୨୩୨ ଅଧୀନରେ;

ଏବଂ

**ମାମଲା:** କମ୍ପାନୀ (ବୁଝାମଣା, ବନ୍ଦୋବସ୍ତ ଏବଂ ମିଶ୍ରଣ) ନିୟମାବଳୀ, ୨୦୧୬ ତଥା ଅନ୍ୟାନ୍ୟ ନିୟମାବଳୀ ଅଧୀନରେ;

ଏବଂ

**ମାମଲା:** ସୂର୍ଯ୍ୟୋ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U45201OR2008PTC010209**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ଦିନଲିପି ଭବନ, ଏ-୫୪/୧ ଏବଂ ଏ-୫୫/୧, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୧

ଏବଂ

**ମାମଲା:** ସୂର୍ଯ୍ୟୋ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U67120OR1995PTC003978**, କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୨

ଏବଂ

**ମାମଲା:** ସୂର୍ଯ୍ୟୋ ପେପର୍ସ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U21099OR1986PTC001735**, କମ୍ପାନୀ ଅଧିନିୟମ ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୩

ଏବଂ

**ମାମଲା:** ସୂର୍ଯ୍ୟୋ ଇନ୍‌ଭେଷ୍ଟମେଣ୍ଟସ ଆଣ୍ଡ ଟ୍ରାନ୍ସପୋର୍ଟ ଲିମିଟେଡ୍: ସିଆଇଏନ୍: **U67120OR1984PLC001307**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୪

ସହିତ

**ମାମଲା:** ସୂର୍ଯ୍ୟୋ ଉଦ୍ୟୋଗ ଲିମିଟେଡ୍, ସିଆଇଏନ୍: **U24119OR1978PLC000785**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରଗ୍ରାହୀ କମ୍ପାନୀ

(ଏତଦ୍‌ପଶ୍ଚାତ୍ ମିଳିତ ଭାବେ "ଆବେଦକ କମ୍ପାନୀ ଭାବେ ଉଲ୍ଲିଖିତ")

**ପିଟିସନ ନୋଟିସ**

ଉପରନାମିତ ଆବେଦକମାନଙ୍କ ଦ୍ୱାରା କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୩୦ ଓ ୨୩୨ ଅଧୀନରେ ସୂର୍ଯ୍ୟୋ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ପେପର୍ସ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ଇନ୍‌ଭେଷ୍ଟମେଣ୍ଟସ ଆଣ୍ଡ ଟ୍ରାନ୍ସପୋର୍ଟ ଲିମିଟେଡ୍ (ଆବେଦକ ହସ୍ତାନ୍ତରକାରୀ କମ୍ପାନୀ) ଏବଂ ସୂର୍ଯ୍ୟୋ ଉଦ୍ୟୋଗ ଲିମିଟେଡ୍ (ଆବେଦକ ହସ୍ତାନ୍ତରଗ୍ରାହୀ କମ୍ପାନୀ)ର ମିଶ୍ରଣ ଯୋଜନାର ମଞ୍ଜୁରୀ ପାଇଁ ଏକ ଆବେଦନ (ପିଟିସନ) ଉପରନାମିତ ଆବେଦକମାନଙ୍କ ଦ୍ୱାରା **୮ ମେ, ୨୦୨୪** ଦିନ ଉପସ୍ଥାପିତ କରାଯାଇଥିଲା ଏବଂ ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧୀକରଣ, କଟକ ଖଣ୍ଡପୀଠଙ୍କ ନିକଟରେ ଉପରୋକ୍ତ ଆବେଦନର ଶୁଣାଣି **୫ ଜୁନ୍, ୨୦୨୪** ଦିନ ଅନୁଷ୍ଠିତ ହେବା ଲାଗି ସ୍ଥିର ହୋଇଛି। କଥିତ ଆବେଦନ (ପିଟିସନ) ସପକ୍ଷ କିମ୍ବା ବିରୋଧରେ ନିଜର ମତାମତ ଦାଖଲ କରିବା ପାଇଁ ଇଚ୍ଛୁକ ଯେକୌଣସି ବ୍ୟକ୍ତି ନିଜର ଅଭିପ୍ରାୟ ନୋଟିସକୁ ନିଜର କିମ୍ବା ନିଜର ଓକିଲଙ୍କ ଦସ୍ତଖତ ଓ ନିଜର ନାମ ଓ ଠିକଣା ସହିତ ଏପରି ଭାବେ ପଠାଇବେ ଯାହା ଆବେଦକଙ୍କ ଓକିଲଙ୍କ ନିକଟକୁ ପିଟିସନ ଶୁଣାଣି ଲାଗି ସ୍ଥିର ହୋଇଥିବା ଦିବସର ଦୁଇ ଦିନ ପୂର୍ବରୁ ପ୍ରାପ୍ତ ହେବ। ଯଦି କୌଣସି ବ୍ୟକ୍ତି ଆବେଦନ (ପିଟିସନ)କୁ ବିରୋଧ କରୁଥାନ୍ତି, ତେବେ ନୋଟିସ ସହିତ ଆପତ୍ତିର କାରଣ କିମ୍ବା ତାଙ୍କର ସତ୍ୟପାଠ ସଂଲଗ୍ନ କରାଯିବା ଜରୁରୀ ଅଟେ। ଏହି ପିଟିସନର ନକଲ ହାସଲ କରିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କୁ ତାହା ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ସେଥି ନିମନ୍ତେ ନିର୍ଦ୍ଧାରିତ ଶୁଳ୍କର ପରିଶୋଧ ପରେ ଯୋଗାଇଦିଆଯିବ।

ସ୍ୱା./- ଶାଶ୍ୱତ କୁମାର ରାଉତ
(ଆବେଦକଙ୍କ ଓକିଲ)

ତାରିଖ: ୧୪।୦୫।୨୦୨୪ — ପ୍ଲଟ୍ ନଂ. ୬୮୭, କେ-୩ବି, କଳିଙ୍ଗ ନଗର
ସ୍ଥାନ: ଭୁବନେଶ୍ୱର — ଘାଟିକିଆ, ଭୁବନେଶ୍ୱର-୭୫୧୦୨୯

# ଶଙ୍ଖ ଚିହ୍ନକୁ ଭୋଟ ଦେଇ ଯୋଜନା ବଞ୍ଚାନ୍ତୁ: ପାଣ୍ଡିଆନ

କଟକ/କଟକ ସଦର, ୧୪।୫
(ଶିଳ୍ପା ପ୍ରିୟଦର୍ଶିନୀ/ସୁଶାନ୍ତ କୁମାର ଜେନା)

କଟକ ପୋତାପୋଖରୀସ୍ଥିତ ନେତାଜୀ ଖେଳପଡିଆଠାରେ ବିଜେଡି ପକ୍ଷରୁ ଏକ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକୁ କେତେ ମାର୍ଜିନ ଦେବେ ତାହା ଜନସାଧାରଣ ଜାଣି ସାରିଛନ୍ତି। ବିରୋଧୀ ସରକାର ଗଢ଼ିଲେ ଅନେକ ଯୋଜନା ବନ୍ଦ ହୋଇଯିବ। ତେଣୁ ଶଙ୍ଖ ଚିହ୍ନକୁ ଭୋଟ ଦେଇ ଯୋଜନା ବଞ୍ଚାନ୍ତୁ। କଟକ ଭୋଟ ମାର୍ଜିନରେ ୧/୨ ନମ୍ବର ସ୍ଥାନରେ ଆସିବ ବୋଲି ବିଶ୍ୱାସ ରହିଥିବା ପାଣ୍ଡିଆନ କହିଛନ୍ତି।

ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ଚୌଦ୍ୱାର-କଟକ ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ଯୋଗଦେଇ କହିଛନ୍ତି, କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ରାଜ୍ୟବାସୀଙ୍କ ଉପରେ ରହିଛି। କେନ୍ଦ୍ର ସରକାର ଯାହା କାମରେ କରିପାରିନି, ତାହାକୁ ରାଜ୍ୟ ସରକାର କରିଛନ୍ତି। ମୁଖ୍ୟମନ୍ତ୍ରୀ ଚୌଦ୍ୱାରବାସୀଙ୍କ ପାଇଁ ବହୁ ବିକାଶମୂଳକ କାର୍ଯ୍ୟ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ କାମ କରିବେ ବୋଲି ଉଭୟ ପ୍ରାର୍ଥୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କର୍ପୋରେଟର, ୱାର୍ଡ ସଭାପତି, ଯୁବକ, ଛାତ୍ର, ମହିଳା ମୋର୍ଚ୍ଚାର କର୍ମୀ ଉପସ୍ଥିତ ଥିଲେ।

ସଭା ପରେ ମାଛୁଆ ବଜାର ଅଞ୍ଚଳରେ ପାଣ୍ଡିଆନଙ୍କୁ ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ମାଛୁଆ



ବଜାର ଏଲ୍ଆଇସି କାର୍ଯ୍ୟାଳୟ ସମ୍ମୁଖରୁ ପାଣ୍ଡିଆନ୍ଙ୍କ ରୋଡ୍ ଶୋ' ଆରମ୍ଭ ହୋଇଥିଲା। ମଣିସାହୁ ଛକ, ବକ୍ସିବଜାର, ତିନିକୋଣିଆ ବଗିଚା, ଦରଘା ବଜାର, ଗୌରୀଶଙ୍କର ପାର୍କ, ନୟାସଡକ, ବାଲୁବଜାର, ଚାନ୍ଦିନୀଚୌକ, ଶେଖ୍ ବଜାର, ଚଣ୍ଡୀ ଛକ, କନିକା ଛକ, ସେଲ୍ଟର ଛକ, ଦେଉଳ ସାହି ଛକ ଦେଇ ବିଡ଼ାନାସୀ ବନ୍ଧ ଛକରେ ରୋଡ୍ ଶୋ' ଶେଷ ହୋଇଥିଲା। ଏହି ରୋଡ୍ ଶୋ' ସମୟରେ କଟକବାସୀଙ୍କୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବା ପାଇଁ ପାଣ୍ଡିଆନ୍ ନିବେଦନ କରିଛନ୍ତି। ଏଥିସହ ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି କେବଳ କଟକବାସୀଙ୍କର ନୁହେଁ, ସମଗ୍ର ରାଜ୍ୟବାସୀଙ୍କର ଅତୁଟ ବିଶ୍ୱାସ ରହିଛି। ବିରୋଧୀମାନେ କେବଳ ଅପପ୍ରଚାର ଚଳାଇଛନ୍ତି। ଏହି ରୋଡ୍ ଶୋ'ରେ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା, ଚୌଦ୍ୱାର-କଟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ, କଟକ ମହାନଗର ନିଗମ(ସିଏମ୍ସି)ମେୟର ସୁବାସ ସିଂଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଏହି ରୋଡ୍ ଶୋ' ସମୟରେ ଜୟ ନବୀନ, ଜୟ ଶଙ୍ଖ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସହର।

## ରଥ ଖଳାରୁ....

# ୩ ରଥର ୨୪ ତୁମ୍ବର ଗୋଲେଇ କାର୍ଯ୍ୟ ସରିଲା



ପୁରୀ,୧୪।୫
(ଅଜିତ୍ କୁମାର ମହାନ୍ତି)

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥ ଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଚାଲିଛି। ମଙ୍ଗଳବାର ରଥ ନିର୍ମାଣର ଚତୁର୍ଥ ଦିନରେ ୩ ରଥର ତୁମ୍ବ କାର୍ଯ୍ୟ ଜାରି ରହିଛି। ରଥ ନିର୍ମାଣରେ ନିୟୋଜିତ ସେବକ ଓ କାରିଗରମାନେ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ସମୟରେ ଆସି ରଥ ଖଳାରେ ପହଞ୍ଚି ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ମଙ୍ଗଳବାର ମଧାହ୍ନ ସୁଦ୍ଧା କରତୀ ସେବକମାନେ ତିନିରଥ ଚାଳିକୁ ସମସ୍ତ ୪୨ଗୋଟି ତୁମ୍ବଗଡ଼ କାଟି ଯୋଗାଇଛନ୍ତି। ତେବେ ୩ରଥ ପାଇଁ ଆବଶ୍ୟକ ହେଉଥିବା ୪୨ଗୋଟି ତୁମ୍ବ ମଧ୍ୟରୁ ଚତୁର୍ଥ ଦିନର କାର୍ଯ୍ୟ ଶେଷ ସୁଦ୍ଧା ୨୪ ଗୋଟି ତୁମ୍ବର ଗୋଲେଇ ସହ ମଠା କାର୍ଯ୍ୟ ଶେଷ କରିଛନ୍ତି। ସେଥିମଧ୍ୟରୁ ବଡ଼ ଠାକୁର ବଳଭଦ୍ରଙ୍କ ତାଳଦ୍ୱଜ ରଥର ୮, ମା' ସୁଭଦ୍ରାଙ୍କ ଦେବୀଦଳନ ରଥର ୮ ଏବଂ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ୮ ଏହିପରି ମୋଟ ୨୪ ଗୋଟି ତୁମ୍ବର ଗୋଲେଇ ସହ ମଠା କାର୍ଯ୍ୟ ଶେଷ ହୋଇଛି। ଅପରପକ୍ଷରେ ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ଅରକଣ୍ଟା ନିର୍ମାଣ ସହ ପନ୍ଦାରି ବଳା ନିର୍ମାଣ ଜାରି ରଖିଛନ୍ତି। ଚତୁର୍ଥ ଦିନରେ ରଥ ନିର୍ମାଣ କାର୍ଯ୍ୟରେ ତିନି ରଥର ମହାରଣା ସେବକ ୩୭ଜଣ ନିୟୋଜିତ ଥିବା ବେଳେ ଭୋଇ ସେବକ ୨୨ ଜଣ , କରତୀ ସେବକ ୪ଜଣ , କମାର ସେବକ ୯ ଜଣ, ବିନ୍ଧ କାରିଗର ଜଣେ, ରଥଖଳା ସହାୟକ(ପାଣିବାଲା) ଜଣେ ନିୟୋଜିତ ରହିଛନ୍ତି।

## ସଂକ୍ଷେପରେ

### ଶିଳ୍ପାଞ୍ଚଳ ଥାନା ପକ୍ଷରୁ ଫ୍ଲାଗ୍ମାର୍ଚ୍ଚ

ଖୋର୍ଦ୍ଧା,୧୪।୫(ପ୍ରଭାତ ପାଣିଗ୍ରାହୀ): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପକ୍ଷରୁ କରାଯାଇଛି। ମଙ୍ଗଳବାର ଅପରାହ୍ନ ୫ଟାରେ ଟାଉନ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ନେତୃତ୍ୱରେ ହୋଇଥିବା ଏହି ଫ୍ଲାଗ୍ମାର୍ଚ୍ଚ ମୁକୁନ୍ଦପ୍ରସାଦ ଏବଂ ମଲ୍ଲିପଦର ପଞ୍ଚାୟତ ସମେତ ଏହି ଥାନା ଅଞ୍ଚଳରେ କରାଯାଇଥିଲା। ସ୍ୱଚ୍ଛ, ଶୃଙ୍ଖଳିତ, ଅବାଧମୁକ୍ତ ଭାବେ ମତଦାନ, ନିର୍ବାଚନ ପୂର୍ବରୁ ଆପରାଧିକ କାର୍ଯ୍ୟକଳାପ ଓ ଅପରାଧୀଙ୍କୁ ଦମନ ସହ ଶାନ୍ତିଶୃଙ୍ଖଳା ବଜାଏ ରଖିବା, ମତଦାତାଙ୍କ ମନୋବଳ ବୃଦ୍ଧି ଉଦ୍ଦେଶ୍ୟରେ ଏହି ଫ୍ଲାଗ୍ମାର୍ଚ୍ଚ କରାଯାଇଛି। କୌଣସି ସ୍ଥାନରେ ନିର୍ବାଚନ ସଂକ୍ରାନ୍ତୀୟ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଲେ ସିଧାସଳଖ ପୋଲିସର ସହଯୋଗ ନେବା ପାଇଁ ଜନତାଙ୍କୁ ଜଣାଇଛନ୍ତି। ଏହି ଫ୍ଲାଗ୍ମାର୍ଚ୍ଚରେ ଥାନା ଅଧିକାରୀ ଗାୟତୀ ମିଶ୍ର, ଏସ୍ଆଇ ବାସୁଦେବ ଜୟସିଂଙ୍କ ସମେତ ସମସ୍ତ ଥାନା ଅଧିକାରୀ ଏବଂ ହିମାଚଳ ପୋଲିସର ଏକ ପ୍ଲାଟୁନ ଫୋର୍ସ ସାମିଲ ହୋଇଥିଲେ।



ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପକ୍ଷରୁ ମଙ୍ଗଳବାର ବିଭିନ୍ନ ଅଞ୍ଚଳରେ ଫ୍ଲାଗ୍ମାର୍ଚ୍ଚ କରାଯାଉଛି।

### ଦେବଦମ୍ପତିଙ୍କ ବିବାହ ଉତ୍ସବ ପ୍ରସ୍ତୁତି ବୈଠକ

ଖୁଣ୍ଟୁଣୀ,୧୪।୫(ସଚ୍ଚିଦାନନ୍ଦ ପଣ୍ଡା): ଆସନ୍ତା ଜୁନ୍ ୧୦ରେ ହର-ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଖୁଣ୍ଟୁଣୀ-ରମ୍ପେଇ ଗ୍ରାମର ଆରାଧ୍ୟ ବାବା ବାଲୁଙ୍କେଶ୍ୱର ଓ ମା' ପାର୍ବତୀଙ୍କର ବିବାହ ଉତ୍ସବକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ମଙ୍ଗଳବାର ଖୁଣ୍ଟୁଣୀ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଟ୍ରଷ୍ଟି କିଶୋର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସଦସ୍ୟ ସଚ୍ଚିଦାନନ୍ଦ ପଣ୍ଡା, ବିପିନି ବିହାରୀ ପ୍ରଧାନ, ବିଜୟ ସାହୁ, ଗୋବିନ୍ଦ ଚନ୍ଦ୍ର ବେହେରା, ସୁଧୀର ଦାଶ, ବିକାଶ ସାହୁ, ପ୍ରିୟବ୍ରତ ପାତ୍ର, ଚକ୍ରଧର ସାହୁ, ସଞ୍ଜୟ ବେହେରା, ଦିଲୀପ କୁମାର ରାଉଳ, କୁନା ବିଶ୍ୱାଳ ପ୍ରମୁଖ ଯୋଗଦେଇ ହର-ପାର୍ବତୀଙ୍କ ବିବାହ ଉତ୍ସବକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଗ୍ରାମବାସୀଙ୍କ ସହଯୋଗ ଲୋଡିଥିଲେ। ଉକ୍ତ ଦିନ ବାଲୁଙ୍କେଶ୍ୱରଙ୍କ ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ବିମାନ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଓ ବଜାର ପରିକ୍ରମା କରାଯିବ। ଏଥିସହ ବିବାହ ମଣ୍ଡପ ନିର୍ମାଣ, କନ୍ୟା ଓ ବର ପିତାଙ୍କ ସମ୍ପର୍କୀୟଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଚଳିତବର୍ଷ କନ୍ୟାପିତା ଭାବେ ରୋହିତ କୁମାର ମୁଦୁଲି ଓ ବରପିତା ଭାବେ ବିଜୟ କୁମାର ସାହୁ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପାଦନ କରିବେ ବୋଲି ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ଯୁବକଙ୍କ ଉନ୍ମତ୍ତକାଣ୍ଡ: ଗାଡ଼ି ଭାଙ୍ଗିଲେ, ୨ ଜଣଙ୍କୁ ଆକ୍ରମଣ କଲେ

ଚୌଦ୍ୱାର,୧୪।୫(ଆଶୁତୋଷ ଦାସ)

ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଏକ ପ୍ରସଙ୍ଗକୁ ନେଇ ସୋମବାର ବିଳମ୍ବିତ ରାତିରେ ଜନୈକ ଯୁବକଙ୍କ ଉନ୍ମତ୍ତକାଣ୍ଡ ଘଟାଇଥିବା ନିଆଳି ଥାନାରେ ଅଭିଯୋଗ ହୋଇଛି। ଯୁବକ ଜଣଙ୍କ ବିଳମ୍ବିତ ରାତିରେ କେତେଜଣ ସହଯୋଗୀଙ୍କ ସହାୟତାରେ ଗୋଟିଏ ପରିବାରର ୨ଜଣଙ୍କୁ ମାଡ ମାରି ଆହତ କରିବା ସହିତ କିଛି ୨ଚକିଆ ଯାନକୁ ଫିଙ୍ଗାଫୋପଡା କରିବା ଓ ଏକ ଟାଟା ଏସିଇ ଗାଡିର କାଚ ଭାଙ୍ଗି ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଚୌଦ୍ୱାର ଥାନା ଅଧୀନ ମୁଣ୍ଡମାଳ ଗ୍ରାମର ସନତ୍ କୁମାର ପଣ୍ଡା ନାମକ ଯୁବକ ହିନ୍ଦୁତ୍ୱ ଓ ହିନ୍ଦୁ ରାଷ୍ଟ୍ର ସମ୍ପର୍କରେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଥିଲେ। ଏହାକୁ ନେଇ ଚୌଦ୍ୱାର ସୁଲ୍ତାନ୍ ନଗରର ଜଣେ ଯୁବକ ଓ ତାଙ୍କର ସହଯୋଗୀ ଉତ୍କ୍ଷିପ୍ତ ହୋଇ ସୋମବାର ରାତିରେ ସନତ୍ ବସାଉଠା କରୁଥିବା ମୁଣ୍ଡମାଳର ଜୟ ଜଗନ୍ନାଥ ସର୍ଭିସିଂ ସେଣ୍ଟରରେ ପହଞ୍ଚି ତାଙ୍କୁ ଖୋଜିଥିଲେ। ସେଠାରେ ନ ପାଇବାରୁ ସର୍ଭିସିଂ ସେଣ୍ଟର ମାଲିକ ପ୍ରଭାତ ଓ ତାଙ୍କ ଭାଇ ପ୍ରକାଶଙ୍କୁ ଆକ୍ରମଣ କରିଥିଲେ। ଏଥିରେ ପ୍ରଭାତ ଗୁରୁତର ହୋଇଥିଲେ। ଏଥିସହ ସର୍ଭିସିଂ ସେଣ୍ଟରରେ ଥିବା ଗାଡିଗୁଡ଼ିକୁ ଭଙ୍ଗାରୁଜା କରିବା ସହିତ ସମ୍ପୃକ୍ତ ଯୁବକ ଫାଙ୍କା ଗୁଳି ଚାଳନା କରିଥିଲେ। ପ୍ରଥମଥର ପାଇଁ ଚୌଦ୍ୱାରରେ ସମ୍ପ୍ରଦାୟ ଓ ଧର୍ମକୁ ନେଇ ଏଭଳି ଗଣ୍ଡଗୋଳ ଘଟିଥିବା ଜଣାପଡିଛି। ଏନେଇ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ପ୍ରାଦେଶିକ ମେଧା ପରୀକ୍ଷାଫଳ ପ୍ରକାଶିତ

ଭୁବନେଶ୍ୱର,୧୪।୫(ଅନୁରାଧା ମହାରଣା)

ଓଡ଼ିଶାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଗୁଡ଼ିକୁ ପରିଚାଳନା କରୁଥିବା ଶିକ୍ଷା ବିକାଶ ସମିତିର ପ୍ରାଦେଶିକ ମେଧା ପରୀକ୍ଷା ଏବଂ ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ତୃତୀୟ, ପଞ୍ଚମ, ସପ୍ତମ ଓ ନବମ ଶ୍ରେଣୀର ଚୟନ ହୋଇଥିବା ୨୨ହଜାର ୫ଶହ ୯୯ ଜଣ ମେଧାବୀ ଛାତ୍ରୀଛାତ୍ର ରାଜ୍ୟସ୍ତରରେ ୧୧୬ଟି ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ପ୍ରାଦେଶିକ ମେଧା ପରୀକ୍ଷାରେ ତୃତୀୟ ଶ୍ରେଣୀରେ ୫୯, ପଞ୍ଚମ ଶ୍ରେଣୀରେ ୫୧, ସପ୍ତମ ଶ୍ରେଣୀରେ ୪୬ ଏବଂ ନବମ ଶ୍ରେଣୀରେ ୩୬ ଜଣଙ୍କୁ ମିଶାଇ ମୋଟ ୧୯୨ ଜଣ ପ୍ରଥମ ୧୦ଟି ସ୍ଥାନରେ ରହିଛନ୍ତି। ସେହିପରି ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ତୃତୀୟ ଶ୍ରେଣୀରେ ୩୨, ପଞ୍ଚମ ଶ୍ରେଣୀରେ ୭୧, ସପ୍ତମ ଶ୍ରେଣୀରେ ୧୧୧ ଏବଂ ନବମ ଶ୍ରେଣୀରେ ୫୧ ଜଣ ଏଭଳି ମୋଟ ୨୬୫ ଜଣ ପ୍ରଥମ ୧୦ଟି ସ୍ଥାନରେ ରହି ସର୍ବକାଳୀନ ରେକର୍ଡ କରିଛନ୍ତି। ୫୦ ପ୍ରତିଶତରୁ ଅଧିକ ନମ୍ବର ରଖି ପ୍ରାଦେଶିକ ମେଧା ପରୀକ୍ଷାରେ ୮୮୦୬ ଜଣ ଏବଂ ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ୨୨୦୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟା ଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସଙ୍ଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ଏହି ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟା ଭାରତୀ, ପୂର୍ବକ୍ଷେତ୍ରର ସଙ୍ଗଠନ ମନ୍ତ୍ରୀ ଦିବାକର ଘୋଷ, ପ୍ରାନ୍ତ ସଙ୍ଗଠନ ସମ୍ପାଦକ ତାରକଦାସ ସରକାର, ପ୍ରାନ୍ତ ନିରୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ, ପ୍ରାନ୍ତ ପରୀକ୍ଷା ସଂଯୋଜକ ମନୋଜ କୁମାର ଦାଶ, ସହପ୍ରାନ୍ତ ପରୀକ୍ଷା ସଂଯୋଜକ ରୁଦ୍ରନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# 'ରଜତ କର ମହାପ୍ରଭୁଙ୍କ ଅନନ୍ୟ ସେବକ ଥିଲେ'

ଭୁବନେଶ୍ୱର, ୧୪।୫ (ବନ୍ଦନା ସେଠୀ)

ପଦ୍ମଶ୍ରୀ ରଜତ କୁମାର କର ଏକାଧାରାରେ ଜଣେ ପ୍ରବୀଣ ବକ୍ତା, ସାହିତ୍ୟିକ, ଲେଖକ, ଇତିହାସ ଗବେଷକ, ନାଟ୍ୟକାର ଏବଂ ଅଭିନେତା ଥିଲେ। ଏଥିସହ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ୧୯୫୯ରୁ ୧୯୬୨ ମସିହା ପର୍ଯ୍ୟନ୍ତ ଧାରାବିବରଣୀ ଦେଇ ନିଜକୁ ମହାପ୍ରଭୁଙ୍କ ଅନନ୍ୟ ସେବକ ଭାବେ ସ୍ଥାପିତ କରିପାରିଥିଲେ ବୋଲି ପୂର୍ବତନ ଏମ୍ପି ତଥା ଅଭିନେତା ଡ. ପ୍ରଶାନ୍ତ କୁମାର ନନ୍ଦ ମତ ପ୍ରକାଶ କରିଛନ୍ତି। ମଙ୍ଗଳବାର ୟୁନିଟ-୩ସ୍ଥିତ ବୁଦ୍ଧ ମନ୍ଦିର ସଭା କକ୍ଷରେ ପଦ୍ମଶ୍ରୀ ରଜତ କୁମାର କର ସ୍ମୃତି ସଂସଦ ଦ୍ୱାରା କରଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସ୍ମୃତି ସଭା ଓ ପୁସ୍ତକ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜଙ୍କ ପୌରାହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ କରଙ୍କ ଦ୍ୱାରା ରଚିତ

**ପ୍ରକାଶ କୁମାର ପାଢ଼ୀଙ୍କୁ ଶାନ୍ତିଲତା କର ପାରମ୍ପରିକ ଶିଳ୍ପୀ ସମ୍ମାନ**




ତିନୋଟି ପୁସ୍ତକ 'ନିଷିଦ୍ଧ ନୀଳାଚଳ ନାଟକ', 'ଭଞ୍ଜ ରାମାୟଣ-ବୈଦେହୀଶ ବିଳାସ ସୌରଭ ଆଲୋଚନା' ଏବଂ ଗବେଷଣାତ୍ମକ ଇଂଲିଶ ପୁସ୍ତକ 'ଲର୍ଡ ଜଗନ୍ନାଥ' ଉନ୍ମୋଚିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଉଚ୍ଚ ନ୍ୟାୟାଳୟର ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ ଯୋଗଦେଇ ପିଲାଟିବେଳୁ ସେ କିପରି ସ୍ୱର୍ଗତ କରଙ୍କ ପ୍ରତି ଆକୃଷ୍ଟ ହୋଇ ତାଙ୍କ ଭଳି ଓଡ଼ିଆ ଭାଷାକୁ ଭଲ ପାଇବାକୁ ମନସ୍ଥ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ପଦ୍ମବିଭୂଷଣ ସୁଦର୍ଶନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରଜତ କର ଓଡ଼ିଆ ଜାତିର ନମସ୍ୟ ଏବଂ ତାଙ୍କ ସାହିତ୍ୟ ଜୀବନ ଉପରେ ଯୁବପିଢ଼ି ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ସଂସ୍କୃତି ବିଭାଗ ଏନେଇ ବିଚାର କରିବା ଉଚିତ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା ଡ. ସଂଘମିତ୍ରା ମିଶ୍ର ତାଙ୍କର ନାଟ୍ୟ ଜୀବନ ଉପରେ ଆଲୋକପାତ କରି କହିଲେ, ଐତିହାସିକ ଚରିତ୍ରମାନଙ୍କ ଉପରେ ନାଟକ ଲେଖି ତାଙ୍କୁ ଜୀବନ୍ତ କରିବାରେ ରଜତ କର ଥିଲେ ଅଦ୍ୱିତୀୟ। ଅନ୍ୟମାନଙ୍କ ମଧ୍ୟରେ ଇଂ ଚନ୍ଦ୍ରଶେଖର ନନ୍ଦ, ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ଶୁଚିସ୍ମିତ ମନ୍ତ୍ରୀ ପ୍ରମୁଖ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ କରଙ୍କ ଗଭୀର ଜ୍ଞାନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଆକାଶବାଣୀ କଳାକାର ପ୍ରକାଶ କୁମାର ପାଢୀଙ୍କୁ 'ଶାନ୍ତିଲତା କର ପାରମ୍ପାରିକ ଶିଳ୍ପୀ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଉନ୍ମୋଚିତ ହୋଇଥିବା ପୁସ୍ତକରେ ବିଶେଷ ସହଯୋଗ କରିଥିବାରୁ କବି ବିଭୂତି ପାଢୀ ଏବଂ ଚିତ୍ରଶିଳ୍ପୀ ଶକ୍ତିସ୍ୱରୂପା ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଡା. ଅଂଶୁମାନ କର ସ୍ୱାଗତ ଭାଷଣ ଏବଂ ଇଂ. ରଣଜିତ କର ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପକ ଡ.ରାଜୀବ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଚାର ବେଳେ ଭାଜପାକର୍ମୀଙ୍କୁ ଆକ୍ରମଣ

ଭୁବନେଶ୍ୱର,୧୪।୫ (ସୂର୍ଯ୍ୟକାନ୍ତ ବେହେରା)

**ରାଜଧାନୀରେ ରାଜନୈତିକ ହିଂସା**

ରାଜଧାନୀ ଭୁବନେଶ୍ୱରରେ ପୁଣି ଏକ ରାଜନୈତିକ ହିଂସା ଘଟିଛି। କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୬ ଆଖଣ୍ଡଳମଣି ବସ୍ତିରେ ମଙ୍ଗଳବାର ସନ୍ଧ୍ୟାରେ ଭାଜପାର ନିର୍ବାଚନୀ ପ୍ରଚାର ବେଳେ ଭାଜପା କର୍ମୀଙ୍କୁ ଗାଳିଗୁଲଜ ଓ ଧମକ ଦିଆଯିବା ସହ ଆକ୍ରମଣ କରାଯାଇଛି। ଏ ନେଇ କ୍ୟାପିଟାଲ ଥାନାରେ ବିଜେଡି କର୍ମୀଙ୍କ ବିରୋଧରେ ଏତଲା ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ସନ୍ଧ୍ୟାରେ ଆଖଣ୍ଡଳମଣି ବସ୍ତିରେ ଭାଜପାର ପ୍ରଚାର ଚାଲିଥିଲା। ଏହି ସମୟରେ ଭାଜପା କର୍ମୀଙ୍କୁ କେତେଜଣ ବିଜେଡି କର୍ମୀ ଗାଳିଗୁଲଜ କରିଥିଲେ। ଏପରିକି ମାୟାଧର ବେହେରା ନାମକ କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଓ ବନ୍ଧୁକ ଦେଖାଇ ଧମକାଇଥିବା ସହ ସୁନାଚେନ, ଟଙ୍କା ଆଦି ଛଡ଼ାଇ ନେଇଥିବା ତାଙ୍କ ସ୍ତ୍ରୀ ମମତା ମଲ୍ଲିକ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ଆକ୍ରମଣକାରୀମାନେ ଜାତିଆଣ ଆକ୍ଷେପ କରିବା ସହ ତାଙ୍କୁ ମଧ୍ୟ ଧକ୍କା ମାରିଥିବା ସେ ଏତଲାରେ ଦର୍ଶାଇଛନ୍ତି। ସ୍ୱାମୀ ମାୟାଧର ୩୦ରୁ ଅଧିକ ଭାଜପା କର୍ମୀଙ୍କୁ ନେଇ ନିର୍ବାଚନୀ ପ୍ରଚାର କରୁଥିଲେ। ଏହି ସମୟରେ ବିଜେଡିର ସ୍ଥାନୀୟ ନେତା ମଧୁସୂଦନ ରେଡ୍ଡୀ, ଆଲୋକ, ଅର୍ଜୁନ, ଲିପୁ, ବାଦଲ ୩୦ରୁ ଅଧିକ ଯୁବକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ ସେ ବିରୋଧ କରିବାରୁ ତାଙ୍କୁ ଧକ୍କା ମାରିବା ସହ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିବା ମମତା ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ ବିଜେଡି ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

**Format C-1**

**Declaration about Criminal Cases**

(As per the judgement dated 25 September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and address of Candidate : **Kalu Charan Khandaitaray**
Name of Political Party : **Independent**
(Independent Candidates should write "Independent" here)
Name of Election : **Assembly Election**
Name of Constituency : **117 - Khordha**

I, **Kalu Charan Khandaitaray** (name of candidate), a candidate for the above mentioned election; declare for public information the following details about any criminal antecedents:

**(A) Pending Criminal Cases:**

| Sl. No. | Name of Court | Case No. and Dated | Status of Case(s) | Section(s) of Acts concerned and brief description of offence(s) |
|---|---|---|---|---|
| 01 | Women's Court, Khordha | GR No. 840/2002 | Pending | U/s- 147, 148, 323, 354, 379, 380, 427, 452, 50 C/149 |

**(B) Details about Cases of Conviction for Criminal offence:**

| Sl. No. | Name of Court & Date(s) of Order(s) | Description of Office(s) & Punishment Imposed | Maximum Punishment Imposed |
|---|---|---|---|
| 1 | Nil | Rioting & Social Disorder | Nil |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

**Sd./- Kalu Charan Khandaitaray**

ଫର୍ମ ନଂ. ଏନ୍ସିଏଲ୍ଟି. ୩ଏ

**ପିଟିସନ ବାବଦୀୟ ବିଜ୍ଞାପନ**

[ନିୟମ ୩୫ ଦେଖନ୍ତୁ]

**ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧୀକରଣ କଟକସ୍ଥିତ କଟକ ଖଣ୍ଡପୀଠରେ**

**CP (CAA) No.5/CB/2024**
**Connected with CA (CAA) No. 2/CB/2024**

**ମାମଲା:** କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ

ଏବଂ

**ମାମଲା:** ଉକ୍ତ ଅଧିନିୟମର ଧାରା ୨୩୦ରୁ ୨୩୨ ଅଧୀନରେ;

ଏବଂ

**ମାମଲା:** କମ୍ପାନୀ (ବୁଝାମଣା, ବନ୍ଦୋବସ୍ତ ଏବଂ ମିଶ୍ରଣ) ନିୟମାବଳୀ, ୨୦୧୬ ତଥା ଅନ୍ୟାନ୍ୟ ନିୟମାବଳୀ ଅଧୀନରେ;

ଏବଂ

**ମାମଲା:** ସୂର୍ଯ୍ୟୋ ଇନ୍ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U45201OR2008PTC010209**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ଦିନଲିପି ଭବନ, ଏ-୫୪/୧ ଏବଂ ଏ-୫୫/୧, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୧

ଏବଂ

**ମାମଲା:** ସୂର୍ଯ୍ୟୋ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U67120OR1995PTC003978**, କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୨

ଏବଂ

**ମାମଲା:** ସୂର୍ଯ୍ୟୋ ପେପର୍ସ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U21099OR1986PTC001735**, କମ୍ପାନୀ ଅଧିନିୟମ ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୩

ଏବଂ

**ମାମଲା:** ସୂର୍ଯ୍ୟୋ ଇନ୍ଭେଷ୍ଟମେଣ୍ଟସ ଆଣ୍ଡ ଟ୍ରାନ୍ସପୋର୍ଟ ଲିମିଟେଡ୍: ସିଆଇଏନ୍: **U67120OR1984PLC001307**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୪

ସହିତ

**ମାମଲା:** ସୂର୍ଯ୍ୟୋ ଉଦ୍ୟୋଗ ଲିମିଟେଡ୍, ସିଆଇଏନ୍: **U24119OR1978PLC000785**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରଗ୍ରାହୀ କମ୍ପାନୀ

(ଏତଦ୍ପଶ୍ଚାତ୍ ମିଳିତ ଭାବେ "ଆବେଦକ କମ୍ପାନୀ ଭାବେ ଉଲ୍ଲିଖିତ")

**ପିଟିସନ ନୋଟିସ**

ଉପରନାମିତ ଆବେଦକମାନଙ୍କ ଦ୍ୱାରା କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୩୦ ଓ ୨୩୨ ଅଧୀନରେ ସୂର୍ଯ୍ୟୋ ଇନ୍ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ପେପର୍ସ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ଇନ୍ଭେଷ୍ଟମେଣ୍ଟସ ଆଣ୍ଡ ଟ୍ରାନ୍ସପୋର୍ଟ ଲିମିଟେଡ୍ (ଆବେଦକ ହସ୍ତାନ୍ତରକାରୀ କମ୍ପାନୀ) ଏବଂ ସୂର୍ଯ୍ୟୋ ଉଦ୍ୟୋଗ ଲିମିଟେଡ୍ (ଆବେଦକ ହସ୍ତାନ୍ତରଗ୍ରାହୀ କମ୍ପାନୀ)ର ମିଶ୍ରଣ ଯୋଜନାର ମଞ୍ଜୁରୀ ପାଇଁ ଏକ ଆବେଦନ (ପିଟିସନ) ଉପରନାମିତ ଆବେଦକମାନଙ୍କ ଦ୍ୱାରା **୮ ମେ, ୨୦୨୪** ଦିନ ଉପସ୍ଥାପିତ କରାଯାଇଥିଲା ଏବଂ ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧୀକରଣ, କଟକ ଖଣ୍ଡପୀଠଙ୍କ ନିକଟରେ ଉପରୋକ୍ତ ଆବେଦନର ଶୁଣାଣି **୫ ଜୁନ୍, ୨୦୨୪** ଦିନ ଅନୁଷ୍ଠିତ ହେବା ଲାଗି ସ୍ଥିର ହୋଇଛି। କଥିତ ଆବେଦନ (ପିଟିସନ) ସପକ୍ଷ କିମ୍ବା ବିରୋଧରେ ନିଜର ମତାମତ ଦାଖଲ କରିବା ପାଇଁ ଇଚ୍ଛୁକ ଯେକୌଣସି ବ୍ୟକ୍ତି ନିଜର ଅଭିପ୍ରାୟ ନୋଟିସକୁ ନିଜର କିମ୍ବା ନିଜର ଓକିଲଙ୍କ ଦସ୍ତଖତ ଓ ନିଜର ନାମ ଓ ଠିକଣା ସହିତ ଏପରି ଭାବେ ପଠାଇବେ ଯାହା ଆବେଦକଙ୍କ ଓକିଲଙ୍କ ନିକଟକୁ ପିଟିସନ ଶୁଣାଣି ଲାଗି ସ୍ଥିର ହୋଇଥିବା ଦିବସର ଦୁଇ ଦିନ ପୂର୍ବରୁ ପ୍ରାପ୍ତ ହେବ। ଯଦି କୌଣସି ବ୍ୟକ୍ତି ଆବେଦନ (ପିଟିସନ)କୁ ବିରୋଧ କରୁଥାନ୍ତି, ତେବେ ନୋଟିସ ସହିତ ଆପତ୍ତିର କାରଣ କିମ୍ବା ତାଙ୍କର ସତ୍ୟପାଠ ସଂଲଗ୍ନ କରାଯିବା ଜରୁରୀ ଅଟେ। ଏହି ପିଟିସନର ନକଲ ହାସଲ କରିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କୁ ତାହା ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ସେଥି ନିମନ୍ତେ ନିର୍ଦ୍ଧାରିତ ଶୁଳ୍କର ପରିଶୋଧ ପରେ ଯୋଗାଇଦିଆଯିବ।

ସ୍ୱା./- ଶାଶ୍ୱତ କୁମାର ରାଉତ
(ଆବେଦକଙ୍କ ଓକିଲ)

ତାରିଖ: ୧୪।୦୫।୨୦୨୪ — ପ୍ଲଟ୍ ନଂ. ୬୮୭, କେ-୩ବି, କଳିଙ୍ଗ ନଗର
ସ୍ଥାନ: ଭୁବନେଶ୍ୱର — ଘାଟିକିଆ, ଭୁବନେଶ୍ୱର-୭୫୧୦୨୯

